

ମନୁଷ୍ୟ ଯେତେବେଳେ ସଦ୍‌ଗୁଣଗୁଡ଼ିକ ହରାଇ ଦେଉଥାଏ, ସେତିକିବେଳେ ତା'ର ଧନ ପ୍ରତି ଲୋଭ ବଢ଼ି ଯାଉଥାଏ।
-ଜନ୍‌ଶନ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମା' ଭୁବନେଶ୍ୱରୀଙ୍କ ୫୦ତମ ନବଦିନାତ୍ମକ ପୂଜା, ମା'ଙ୍କ ପୀଠ, ଡି.ଏଲ୍. କଲୋନୀ, ବୀର ସୁରେନ୍ଦ୍ର ସାଏ ନଗର, ସକାଳ ୬ଟା ୩୦ରୁ ରାତି ୧୦ଟା ୩୦।
- ଉତ୍କଳ ବିଶ୍ୱବିଦ୍ୟାଳୟ, କମ୍ପ୍ୟୁଟର ସାଇନ୍ସ ଏବଂ ଆପ୍ଲିକେଶନ୍ସ ବିଭାଗର ଦ୍ୱିତୀୟ ବାର୍ଷିକ ଟେକ୍ ଫେଷ୍ଟ, ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ, ସକାଳ ୯ଟାରୁ ଆରମ୍ଭ। ଉଦ୍‌ଘାଟନୀ ଉତ୍ସବ, ଅପରାହ୍ନ ୩ଟା ୩୦।
- ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ, କ୍ୟାମ୍ପସ୍ ପରିସର, ତପୋବନ, ଖଣ୍ଡଗିରି, ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା।
- ଆନନ୍ଦ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୫ଟା ୩୦।
- ଧାରା ଶ୍ରୀରାଧା ଟ୍ରଷ୍ଟ ପକ୍ଷରୁ ବସନ୍ତ ଉତ୍ସବ, ଉତ୍କଳ ରଙ୍ଗମଞ୍ଚ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ସନ୍ଧ୍ୟା ୬ଟା ୩୦।
- ଆନନ୍ଦ ମାର୍ଗ ସ୍କୁଲ ବାର୍ଷିକ ଉତ୍ସବ, ଶାସ୍ତ୍ରୀ ନଗର, ୟୁନିଟ୍-୪, ସନ୍ଧ୍ୟା ୬ଟା ୩୦।
- ଭାରତ ବିକାଶ ପରିଷଦର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ଜୟ ଭାରତ ଭବନ, ୟୁନିଟ୍-୯, ନିକୋ ପାର୍କ ଛକ ନିକଟ, ସନ୍ଧ୍ୟା ୬ଟା ୩୦।
- ଦିଲ୍ଲୀ ଡାଇନାମସ୍- ଆଟଲେଟିକୋ ଡି କୋଲକାତା ସୁପର କପ୍ ଫୁଟବଲ କ୍ୱାର୍ଟର ଫାଇନାଲ ମ୍ୟାଚ, କଳିଙ୍ଗ ଷ୍ଟାଡିୟମ୍, ରାତି ୮ଟା ୩୦।

**ପୁରୀ**

- ଶ୍ରୀ ଶ୍ରୀ ସତ୍ୟନାରାୟଣ ସମିତି ପକ୍ଷରୁ 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ରାତି ୭ଟା।

**ବାଲିଅନ୍ତା**

- ଭଗବତ ମେଳଣ ଅବସରରେ ସଂକୀର୍ତ୍ତନ ପରିବେଷଣ, ମା' ଜାଗୁଳାଇ ପୀଠ, ନୂଆପାଟଣା, ରାତି ୭ଟା।

## ସ୍କର୍ପିଓରୁ ୮.୯୬ ଲକ୍ଷ ଟଙ୍କା ଜବତ

ପୁରୀ ଅଫିସ,୪।୪: ନିର୍ବାଚନ ଯେତେ ପାଖେଇ ଆସୁଛି ଯାନବାହନ ଯାଞ୍ଚବେଳେ ବିପୁଳ ପରିମାଣର ଟଙ୍କା ଧରାପଡୁଛି। ଗୁରୁବାର ପିପିଲି ନିକଟରେ ଫ୍ଲାଇଙ୍ଗ ସ୍କ୍ୱାଡ୍-୧ ପକ୍ଷରୁ ଯାଞ୍ଚ ସମୟରେ ଜଣେ ବ୍ୟକ୍ତିଙ୍କ ସ୍କର୍ପିଓ ଗାଡ଼ିରୁ ୮ଲକ୍ଷ ୯୬ହଜାର ଟଙ୍କା ଜବତ ହୋଇଛି। ଏହି ଘଟଣାରେ କଣାସର ବିଭୂତି ଭୂଷଣ ସ୍ୱାଇଁଙ୍କୁ ପିପିଲି ଥାନାରେ ପଚରାଉଚରା ପରେ ଛାଡ଼ି ଦିଆଯାଇଛି। ସେ ଭୁବନେଶ୍ୱରସ୍ଥ ଆଇଡିବିଆଇ ବ୍ୟାଙ୍କରୁ ଏହି ଟଙ୍କା ଉଠାଇ ଫେରୁଥିଲେ। ପିପିଲି ରେଣ୍ଟୁଅ ଛକଠାରେ ଫ୍ଲାଇଙ୍ଗ ସ୍କ୍ୱାଡ୍ ଯାଞ୍ଚ କରୁଥିବାବେଳେ ଏହି ଟଙ୍କା ଜବତ କରିଥିଲା। ଏଥିରେ ୪୦୦ଟି ୫୦୦ ଟଙ୍କିଆ ନୋଟ୍ ଏବଂ ୩୪୮ଟି ୨୦୦୦ ଟଙ୍କିଆ ନୋଟ ରହିଛି। ଜବତ ଟଙ୍କାକୁ ଜିଲା ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ବିଭୂତି ଦେଇଥିବା ବୟାନର ସତ୍ୟାସତ୍ୟ ଯାଞ୍ଚ କରାଯିବା ପରେ ଟଙ୍କା କିଏ ପାଇବ ସେନେଇ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି।

■ ସାମାଜିକ କର୍ମୀଙ୍କୁ ଥାନାରେ ମାଡ଼ ଘଟଣା

## ଯାଜପୁର ଏସ୍‌ପିଙ୍କୁ ରିପୋର୍ଟ ତଲବ

**କଟକ ଅଫିସ, ୪।୪:** ସାମାଜିକ କର୍ମୀ ତପନ ପାତ୍ରୀଙ୍କୁ ପାଣିକୋଇଲି ଥାନାରେ ନିର୍ଘାତ୍ ମାଡ ଓ ଶାରୀରିକ ନିର୍ଯାତନା ଦେଇ ଗୁରୁତର କରିବା ଘଟଣାକୁ ଗୁରୁତର ସହ ଗ୍ରହଣ କରିଛନ୍ତି ଓଡ଼ିଶା ମାନବାଧିକାର କମିଶନ(ଓଏଚ୍ଆର୍‌ସି)। ଏହି ଘଟଣାର ସରଜମିନ୍ ତଦନ୍ତ ପାଇଁ କମିଶନ ଏକ ତଦନ୍ତକାରୀ ଦଳକୁ ପଠାଇବା ସହ ଯାଜପୁର ଏସ୍‌ପିଙ୍କଠାରୁ ମଧ ରିପୋର୍ଟ ତଲବ କରିଛନ୍ତି। ୪ସପ୍ତାହ ମଧରେ ଏହି ଘଟଣାର ତଦନ୍ତ ରିପୋର୍ଟ କମିଶନରେ ଦାଖଲ କରିବାକୁ ଏସ୍‌ପିଙ୍କୁ କମିଶନଙ୍କ ସଦସ୍ୟ ଜଷ୍ଟିସ୍ ରଘୁବୀର ଦାସ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ଗତ ମାର୍ଚ୍ଚ ୧୭ ତାରିଖରେ ସାମାଜିକ କର୍ମୀ ତପନଙ୍କୁ ଚୌଦ୍ୱାରସ୍ଥିତ ତାଙ୍କ ଘରୁ ପାଣିକୋଇଲି ପୋଲିସ କୌଣସି ସୂଚନା ନ ଦେଇ ଉଠାଇ ନେଇଥିଲା। ଥାନାରେ ଦୁଇଦିନ ଧରି ତାଙ୍କୁ ପୋଲିସ ଶାରୀରିକ ନିର୍ଯାତନା ଦେଇଥିଲା। ପ୍ଲାଷ୍ଟିକ ପାଇପରେ ମାଡ ମାରି ତାଙ୍କୁ ଗୁରୁତର କରିବା ପରେ ଜେଲ୍‌କୁ ପଠାଇଦେଇଥିଲା। ୨୧ ତାରିଖରେ ସିଭିଲ୍ ସୋସାଇଟି ପକ୍ଷରୁ ଏକ ପ୍ରତିନିଧି ଦଳ ଯାଜପୁର ସବ୍ ଜେଲ୍‌ରେ ତପନଙ୍କୁ ଭେଟିବା ପରେ ଏହି କଥା ସାମ୍ନାକୁ ଆସିଥିଲା। ୨୩ରେ ସାମାଜିକ କର୍ମୀ ଅଶୋକ ନନ୍ଦ, ମାନବାଧିକାର କର୍ମୀ ପ୍ରଦୀପ ପ୍ରଧାନ ଓ ଅଖଣ୍ଡ ପ୍ରମୁଖ ଏକ ପ୍ରତିନିଧି ଦଳରେ ଯାଇ ରାଜ୍ୟ ମାନବାଧିକାର କମିଶନଙ୍କ ସଦସ୍ୟ ଜଷ୍ଟିସ ରଘୁବୀର ଦାସଙ୍କୁ ଭେଟିଥିଲେ। କମିଶନଙ୍କ ନିର୍ଦ୍ଦେଶକ୍ରମେ ଗତ ମାର୍ଚ୍ଚ ୨୬ ତାରିଖରେ ମାନବାଧିକାର କମିଶନଙ୍କ ତଦନ୍ତ ବିଭାଗ ଡିଏସ୍‌ପିଙ୍କ ନେତୃତ୍ୱରେ ଏକ ଟିମ୍ ଜେଲରେ ତପନଙ୍କୁ ଭେଟି ତାଙ୍କ ବୟାନ ରେକର୍ଡ କରିଥିଲେ।

# ବେଆଇନ ନିର୍ମାଣ, ଧ୍ୱଂସ ହେଉଛି ଐତିହ୍ୟ

■ ଜବରଦଖଲକାରୀଙ୍କ କବ୍‌ଜାରେ ବହୁ କୀର୍ତ୍ତିରାଜି
■ ନିୟମ ମାନୁନି ସରକାରୀ ସଂସ୍ଥା
■ ଇଣ୍ଟରନେଟ୍‌ରେ ଚାଲିଛି 'ସେଭ୍ କୋଣାର୍କ' କ୍ୟାମ୍ପେନ୍



**ସସ୍ମିତା ପାଇକରାୟ**
ଭୁବନେଶ୍ୱର,୪।୪(ବ୍ୟୁରୋ)

ଐତିହ୍ୟ ସଂରକ୍ଷଣକୁ ନେଇ ରାଜ୍ୟରେ ସୃଷ୍ଟି ହୋଇଛି ଏକ ବଡ଼ ସମସ୍ୟା। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ) ଅଧୀନରେ ଓଡ଼ିଶାରେ ବର୍ତ୍ତମାନ ୭୯ଟି କୀର୍ତ୍ତିରାଜି ରହିଥିବା ବେଳେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି ୨୧୮ଟି ଐତିହ୍ୟସ୍ଥଳୀ। ମାତ୍ର ଏଗୁଡ଼ିକର ସଂରକ୍ଷଣ, ରକ୍ଷଣାବେକ୍ଷଣା ତଥା ପୁନରୁଦ୍ଧାର ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ତାହା ଧୀରେ ଧୀରେ ଧ୍ୱଂସସ୍ତୂପ ପାଲଟୁଛି। ରାଜ୍ୟ ସରକାର, ସ୍ଥାନୀୟ ପ୍ରଶାସନ ଏବଂ ଏଏସ୍ଆଇ ମଧ୍ୟରେ ସମନ୍ୱୟ ଅଭାବରୁ ଅନେକ କୀର୍ତ୍ତିରାଜି ଧ୍ୱଂସର ଦ୍ୱାରଦେଶରେ ପହଞ୍ଚିଛି। ଗୋଟିଏ ପଟେ କୋଣାର୍କ ମନ୍ଦିରକୁ ଭବିଷ୍ୟତ ପିଢ଼ି ପାଇଁ ସୁରକ୍ଷିତ ରଖିବାକୁ ଇଣ୍ଟରନେଟ୍‌ରେ 'ସେଭ୍ କୋଣାର୍କ' କ୍ୟାମ୍ପେନ୍ ଚାଲିଥିବା ବେଳେ ଏପଟେ କିନ୍ତୁ ଏଏସ୍ଆଇ ଓ ସ୍ଥାନୀୟ ପ୍ରଶାସନ ପରସ୍ପର ଉପରେ ଦୋଷ ଲଦି ଚୁପ୍ ହୋଇ ବସିଛନ୍ତି। ସେହିଭଳି ପୁରୁଣା ଭୁବନେଶ୍ୱରରେ ରହିଥିବା ଦଶମ ଓ ଏକାଦଶ ଶତାବ୍ଦୀର ବହୁ କୀର୍ତ୍ତିରାଜି ଏବେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଥିବା ଦେଖିବାକୁ ମିଳିଛି।

ଦିନଥିଲା ଓଡ଼ିଶାରେ ୫ ହଜାରରୁ ଅଧିକ କୀର୍ତ୍ତିରାଜି, ପୁରାତନ ମନ୍ଦିର ଓ ଐତିହ୍ୟ ରହିଥିଲା। ହେଲେ ଧୀରେ ଧୀରେ ସେଗୁଡ଼ିକ ନଷ୍ଟ ହୋଇ ଏବେ ପ୍ରାୟ ୨୨୦୦ରେ ପହଞ୍ଚିଛି। ପ୍ରମୁଖ କୀର୍ତ୍ତିରାଜିଗୁଡ଼ିକୁ ପ୍ରାଥମିକତା ଦିଆଯାଇ ଏହାର ସଂରକ୍ଷଣ ଦାୟିତ୍ୱ ଉଭୟ ଏଏସ୍ଆଇ ଏବଂ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ହାତକୁ ନେଇଥିଲେ ହେଁ ରକ୍ଷଣାବେକ୍ଷଣା ଅଭାବରୁ ତାହା ଧ୍ୱଂସାଭିମୁଖୀ ହେଉଛି। ଭୁବନେଶ୍ୱରରେ ପ୍ରାୟ ୨୮ଟି କୀର୍ତ୍ତିରାଜି ରହିଥିବା ବେଳେ ଏହା ଚରମ ଅବହେଳାର ଶିକାର ହେଉଛି। ଏକାମ୍ର କ୍ଷେତ୍ରରେ ଥିବା ୨୦ରୁ ଅଧିକ ଐତିହ୍ୟ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। କେବଳ ବ୍ୟକ୍ତିଗତ ଜବରଦଖଲ ନୁହେଁ, ରାଜ୍ୟ ସରକାରଙ୍କ ସଂସ୍ଥା ବି ଆନ୍‌ସିଏଣ୍ଟ ମୋନୁମେଣ୍ଟ୍ସ ଆଣ୍ଡ ଆର୍କିଓଲୋଜିକାଲ ସାଇଟ୍ସ ଆଣ୍ଡ ରିମେନ୍ସ(ଏଏମ୍ଏଏସ୍ଆର୍) ଆକ୍ଟ ୧୯୫୮ ବିରୋଧରେ ଯାଇ କୀର୍ତ୍ତିରାଜି ନିକଟରେ ବେଆଇନ ନିର୍ମାଣ କରୁଛନ୍ତି। ନିକଟରେ ଏଏସ୍ଆଇ ଅଧୀନରେ ଥିବା ଦଶମ ଶତାବ୍ଦୀର ମୁକ୍ତେଶ୍ୱର ମନ୍ଦିର ଏବଂ ଏହା ନିକଟସ୍ଥ କେଦାରଗୌରୀ ମନ୍ଦିର ପାଚେରିକୁ ଲାଗି କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ(ସିଆର୍‌ୟୁଟି) ପକ୍ଷରୁ ବେଆଇନ ଭାବେ ଏକ ବସ୍‌ଷ୍ଟପ୍ ନିର୍ମାଣ କରାଯାଉଛି। ଏଏମ୍ଏଏସ୍ଆର୍ ଆକ୍ଟ ଅନୁଯାୟୀ କୀର୍ତ୍ତିରାଜିର ୧୦୦ ମିଟର ପରିସୀମା ମଧ୍ୟରେ କୌଣସି ନିର୍ମାଣ କାର୍ଯ୍ୟ କରାଯାଇପାରିବ ନାହିଁ। ହେଲେ ଏହା କିଭଳି ହେଉଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏ ନେଇ ଏଏସ୍ଆଇ ପକ୍ଷରୁ ବିଏମ୍‌ସିକୁ ଚିଠି ଲେଖାଯାଇଥିବା ବେଳେ ଏହାକୁ ବିଏମ୍‌ସି ନୁହେଁ, ବରଂ ସିଆର୍‌ୟୁଟି କରୁଥିବା କର୍ତ୍ତୃପକ୍ଷ କହିଛନ୍ତି। ଏ ନେଇ ସିଆର୍‌ୟୁଟିର ଜିଏମ୍ ଦୀପ୍ତି ମହାପାତ୍ର କହିଛନ୍ତି, ଚିଠି ମିଳିବା ପରେ ଆମେ ଏ ସମ୍ପର୍କରେ ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ସହ କଥାବାର୍ତ୍ତା ହୋଇଛୁ। ପର୍ଯ୍ୟଟକଙ୍କ ପାଇଁ ଉକ୍ତ ସ୍ଥାନରେ ବସ୍‌ଷ୍ଟପ୍‌ର ବହୁତ ଡିମାଣ୍ଡ ରହୁଥିବାରୁ ସେଠାରେ ବସ୍‌ଷ୍ଟପ୍ ନିର୍ମାଣ କରାଯାଉଛି।

କେବଳ ଏହି ଦୁଇ ମନ୍ଦିର ନୁହେଁ, ପୁରୁଣା ଭୁବନେଶ୍ୱରର ଏକାଧିକ ଐତିହାସିକ କୀର୍ତ୍ତିରାଜି ବିଭିନ୍ନ ବେଆଇନ ନିର୍ମାଣ କାର୍ଯ୍ୟର ଶିକାର ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଏମ୍‌ସି ଏବଂ ବିଡିଏ କର୍ଣ୍ଣପାତ କରୁ ନ ଥିବା ଏଏସ୍ଆଇ କର୍ତ୍ତୃପକ୍ଷ କହିଛନ୍ତି। ତେବେ ଜବରଦଖଲ ହଟାଇବା ଲାଗି ଏଏସ୍ଆଇ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଦୀର୍ଘଦିନ ହେବ ଟଣାଓଟରା ଚାଲୁରହିଥିବା ବେଳେ ଏହାର ସୁଯୋଗ ନେଉଛନ୍ତି ଜବରଦଖଲକାରୀ। ରାଜଧାନୀ ଉପକଣ୍ଠରେ ଥିବା ଖ୍ରୀଷ୍ଟାବ୍ଦ ୪ର୍ଥ ଶତାବ୍ଦୀର ଶିଶୁପାଳଗଡ଼ ଜମି ମାଫିଆଙ୍କ ଦାଦାଗିରି ଯୋଗୁ ସଙ୍କୁଚିତ ହେବାରେ ଲାଗିଛି। ସେହିଭଳି ସ୍ୱତନ୍ତ୍ର ନିର୍ମାଣଶୈଳୀ ପାଇଁ ପରିଚିତ ଏକାମ୍ର କ୍ଷେତ୍ରର ବୈତାଳ ଓ ପରମଗୁରୁ ମନ୍ଦିରର ୧୦୦ ମିଟର ମଧ୍ୟରେ ଏକାଧିକ ବେଆଇନ ନିର୍ମାଣ ଯୋଗୁ ଏହା ନିଜର ସୌନ୍ଦର୍ଯ୍ୟ ହରାଇଛି।



ଗୁରୁବାର ଭୁବନେଶ୍ୱରସ୍ଥିତ ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀକୁ ଦୁଇ ଛାତ୍ରୀ ବୁଲି ଦେଖୁଛନ୍ତି।

## ସୂଚନା ଓ ଲୋକ ସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକଙ୍କ ଅବସର ଗ୍ରହଣ

ଭୁବନେଶ୍ୱର, ୪।୪(ବ୍ୟୁରୋ)

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ବିବେକାନନ୍ଦ ବିଶ୍ୱାଳ ଗତ ୩୧ ତାରିଖରେ ଅବସର ଗ୍ରହଣ କରିଛନ୍ତି। ଗୁରୁବାର ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମର ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ଯୁଗ୍ମ ଶାସନ ସଚିବ ଶୁଭେନ୍ଦ୍ର କୁମାର ନାୟକ ପୌରୋହିତ୍ୟ କରିଥିଲେ। ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପକ୍ଷରୁ ବ୍ରଜବନ୍ଧୁ ଦାଶଙ୍କୁ ମଧ ସେବା ନିବୃତ୍ତ ସମ୍ବର୍ଦ୍ଧନା ଦିଆଯାଇଥିଲା। ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ଉପନିର୍ଦ୍ଦେଶକ ବିପିନ ବିହାରୀ ବାରିକ, ବରଦା ପ୍ରସନ୍ନ ଦାସ ଉପସ୍ଥିତଥିଲେ।

■ ଦୀପୁ, ଓମ୍ ହତ୍ୟା ମାମଲା

## ସାକ୍ଷ୍ୟ ଦେଲେ ସାଇଣ୍ଟିଫିକ୍ ଅଧିକାରୀ

**କଟକ ଅଫିସ, ୪।୪**

ଦୀପୁ, ଓମ୍ ହତ୍ୟା ମାମଲାରେ ଗୁରୁବାର ତଦନ୍ତକାରୀ ସାଇଣ୍ଟିଫିକ୍ ଟିମ୍‌ର ଅଧିକାରୀ ଅରୁଣ କୁମାର ସ୍ୱାଇଁ କଟକ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ହାଜର ହୋଇ ସାକ୍ଷୀ ଦେଇଛନ୍ତି। ଦୀପୁ ଏବଂ ଓମ୍‌ଙ୍କୁ ଆଠଗଡ଼ର ଖୁଣ୍ଟକଟା ନିକଟରେ ଥିବା ଫାର୍ମ ହାଉସ୍ ଭିତରେ ହତ୍ୟା କରାଯାଇଥିଲା। ଉଭୟଙ୍କ ମୃତଦେହକୁ ଝାଡ଼ଖଣ୍ଡ ନିଆଯାଇ ସେଠାରେ ପୋତି ଦିଆଯାଇଥିଲା। ଏହି ଘଟଣାରେ ସାଇଣ୍ଟିଫିକ୍ ଟିମ୍ ଅଧିକାରୀ ସ୍ୱାଇଁ ଉଭୟ ସ୍ଥାନକୁ ଯାଇ ତଦନ୍ତ କରିଥିଲେ। ମାତ୍ର କୌଣସି ପ୍ରମାଣ ମିଳି ନ ଥିଲା। ମାତ୍ର ମୃତଦେହ ନିଆଯାଇଥିବା କାର୍‌କୁ ପୋଲିସ ଜବତ କରିଥିଲା। କାର୍ ଡିକିରେ ଲାଗିଥିବା ରକ୍ତଛିଟାକୁ ପରୀକ୍ଷା କରାଯାଇଥିଲା। ଏହି ରକ୍ତଛିଟାକୁ ଦୀପୁ ଏବଂ ଓମ୍ ପରିବାରବର୍ଗଙ୍କ ଡିଏନ୍ଏ ସହିତ ମେଳ କରାଯିବାରୁ ତାହା ମେଳ ଖାଇଥିଲା। ସାକ୍ଷ୍ୟ ପ୍ରଦାନ ସମୟରେ ସାଇଣ୍ଟିଫିକ ଅଧିକାରୀ ଏହି ତଥ୍ୟ ଅଦାଲତଙ୍କ ଆଗରେ ପ୍ରକାଶ କରିଥିଲେ। ସାକ୍ଷ୍ୟ ଗ୍ରହଣ ସମୟରେ ସୁଶାନ୍ତ ଏବଂ ସୁଶୀଲ ଧଳସାମନ୍ତ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ।

■ ଜଳ ଓ ପରିମଳ ମିଶନ କର୍ମଚାରୀଙ୍କ କାର୍ଯ୍ୟକାଳ ବୃଦ୍ଧି ମାମଲା

## ବ୍ଲକ୍‌ସ୍ତରୀୟ କର୍ମଚାରୀଙ୍କ ଆବେଦନ ଖାରଜ

**କଟକ ଅଫିସ, ୪।୪**

ରାଜ୍ୟ ଜଳ ଓ ପରିମଳ ମିଶନରେ କାର୍ଯ୍ୟ କରୁଥିବା ୮୦୦ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ କାର୍ଯ୍ୟ ଅବଧିକୁ ସରକାର ବୃଦ୍ଧି କରିନାହାନ୍ତି। ଏହାକୁ ନେଇ କର୍ମଚାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ବ୍ଲକସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ପୃଥକ୍ ଭାବେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ମାତ୍ର ବ୍ଲକସ୍ତରୀୟ କର୍ମଚାରୀଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ସୂଚନାଯୋଗ୍ୟ, ଜଳ ଓ ପରିମଳ ମିଶନରେ ରାଜ୍ୟର ବିଭିନ୍ନ ଅଞ୍ଚଳର ପ୍ରାୟ ୮୦୦ କର୍ମଚାରୀଙ୍କୁ ଚୁକ୍ତିଭିତ୍ତିକ ଆଧାରରେ ନିଯୁକ୍ତି ଦିଆଯାଇଥିଲା। ମାର୍ଚ୍ଚ ୩୧ ତାରିଖରେ ଏମାନଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ସରକାର ସେମାନଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରିବା ପରିବର୍ତ୍ତେ ଆଉଟ୍‌ସୋର୍ସିଂ ଜରିଆରେ ଏହି ପଦବୀ ପୂରଣ ନିମନ୍ତେ ଟେଣ୍ଡର ଆହ୍ୱାନ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି କେତେଜଣ କର୍ମଚାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏପ୍ରିଲ ୨୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି।

# ନିର୍ମାଣ ହେବ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳମ୍



■ ରଥଯାତ୍ରାଠୁ କାମ ଆରମ୍ଭ
■ ୫୦ ପ୍ରତିଶତ ସେବକ ପିଲା ପଢ଼ିବେ
■ ୧,୦୦୦ ପିଲାଙ୍କ ପଢ଼ିବା ଲାଗି ବ୍ୟବସ୍ଥା ହେବ
■ ପ୍ରଥମରୁ ଯୁକ୍ତ ୨ ପର୍ଯ୍ୟନ୍ତ ଦିଆଯିବ ଶିକ୍ଷା

**ପୁରୀ ଅଫିସ,୪।୪**

ଶ୍ରୀମନ୍ଦିର ସେବକ ପିଲାଙ୍କୁ ଶିକ୍ଷାକ୍ଷେତ୍ରରେ ଆଗେଇନେବା ପାଇଁ ନିର୍ମାଣ ହେବ ଆଦର୍ଶ ବିଦ୍ୟାଳୟ। ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳମ୍ ଭାବେ ନାମିତ ଏହି ବିଦ୍ୟାଳୟର ପରିକଳ୍ପନା ବହୁବର୍ଷ ହେବ କରାଗଲାଣି। ଏଥିପାଇଁ ଜାଗା ଚିହ୍ନଟ ହୋଇ ପାଚେରି ମଧ ନିର୍ମାଣ ସରିଛି। ମାତ୍ର ବିଦ୍ୟାଳୟ କାମ ଆରମ୍ଭ ହୋଇନାହିଁ। ଏନେଇ ଗୁରୁବାର ଭୁବନେଶ୍ୱରଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। କିପରି ଶୀଘ୍ର ବିଦ୍ୟାଳୟ ନିର୍ମାଣ ହେବ ଏବଂ ଏହା ପିଲାଙ୍କ ଶିକ୍ଷା କ୍ଷେତ୍ରରେ ସହାୟକ ହୋଇପାରିବ ସେନେଇ ଏଥିରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି।

ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳମ୍ ପାଇଁ ପୁରୀ ସମଙ୍ଗ ମୌଜାରେ ଶ୍ରୀମନ୍ଦିରର ଥିବା ୮ ଏକର ଜମିକୁ ଚିହ୍ନଟ କରାଯାଇ ପାଚେରି ତିଆରି ସରିଛି । ଏକ ଅନୁଷ୍ଠାନ ଏହି ସ୍କୁଲର ସମସ୍ତ ଦାୟିତ୍ୱ ବହନ କରିବାକୁ ଇଚ୍ଛା ପ୍ରକାଶ କରିଛି। ଏହାର ନିର୍ମାଣଠାରୁ ଆରମ୍ଭ କରି ସମସ୍ତ ପ୍ରକାର ବ୍ୟବସ୍ଥା କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ସମ୍ପୃକ୍ତ ଅନୁଷ୍ଠାନ ଜଣାଇଛି। ଆସନ୍ତା ୮ତାରିଖରେ ସମ୍ପୃକ୍ତ ଅନୁଷ୍ଠାନ ସହ ଏନେଇ ଆଲୋଚନା କରାଯିବ। ଶ୍ରୀମନ୍ଦିର ପ୍ରଶାସନର ସବୁ ସର୍ତ୍ତ ଯଦି ସେହି ଅନୁଷ୍ଠାନ ମାନିନିଏ ତାହାଲେ ଆଗାମୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯିବ। କମିଟି ଯଦି ସମ୍ପୃକ୍ତ ଅନୁଷ୍ଠାନକୁ ଅନୁମତି ଦିଏ ତେବେ ଖୁବ୍‌ଶୀଘ୍ର ବିଦ୍ୟାଳୟ ନିର୍ମାଣ କାମ ଆରମ୍ଭ କରାଯିବ। ଆସନ୍ତା ରଥଯାତ୍ରାଠାରୁ ବିଦ୍ୟାଳୟ ତିଆରି କାମ ଆରମ୍ଭ କରାଯିବାକୁ ଆଲୋଚନା ହୋଇଛି। ପ୍ରଥମ ବର୍ଷ ବିଦ୍ୟାଳୟରେ ତୃତୀୟ ଶ୍ରେଣୀ ଯାଏ ପାଠ ପଢ଼ାଯିବ। ପରବର୍ତ୍ତୀ ସମୟରେ ଶ୍ରେଣୀ ବୃଦ୍ଧି କରାଯିବ। ଏହା ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ ହେଲେ ଏଠାରେ ପ୍ରଥମରୁ ଯୁକ୍ତ୨ ପର୍ଯ୍ୟନ୍ତ ଶିକ୍ଷାଦାନ ସୁବିଧା ଦିଆଯାଇପାରିବ। ମୋଟ ୧,୦୦୦ ପିଲାଙ୍କ ପଢ଼ିବା ଲାଗି ବ୍ୟବସ୍ଥା ହେବ। ଏଠାରେ ସେବାୟତ ପିଲା ସମ୍ପୂର୍ଣ୍ଣ ମାଗଣାରେ ଶିକ୍ଷାର୍ଜନ କରିବେ। ସେମାନଙ୍କ ପାଇଁ ୫୦ପ୍ରତିଶତ ସ୍ଥାନ ସଂରକ୍ଷଣ ରଖାଯିବାକୁ ନିଷ୍ପତ୍ତି ହୋଇଛି। କେବଳ ସେବକ ପିଲାମାନେ ଷଷ୍ଠରୁ ଯୁକ୍ତ ୨ ପର୍ଯ୍ୟନ୍ତ ଏଠାରେ ରହି ପାଠ ପଢ଼ିବାର ସୁବିଧା ପାଇବେ। ବିଦ୍ୟାଳୟର ଆନୁଷଙ୍ଗିକ ବ୍ୟବସ୍ଥା ନେଇ ମଧ ଆଲୋଚନା ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର, ଉନ୍ନୟନ ପ୍ରଶାସକ ବିଶ୍ୱନାଥ ସାହୁ, ପରିଚାଳନା କମିଟି ସଦସ୍ୟ ବାବା ସଚ୍ଚିଦାନନ୍ଦ ମହାରାଜ, ମହୀମୋହନ ତ୍ରିପାଠୀ, ରାମଚନ୍ଦ୍ର ଦାସମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର, ଅନନ୍ତ ତିଆଡ଼ି, ଶ୍ରୀମନ୍ଦିରର ନିର୍ବାହୀ ଯନ୍ତ୍ରୀ ଆଶିଷ ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଗାୟତ୍ରୀ



ତାରାଂଶୁ



ପ୍ରଦୀପ୍ତ



ଚିତ୍ତରଞ୍ଜନ



ନାରାୟଣ



ଯସ୍ମିନ



ଦେବେନ୍ଦ୍ର



ସୁଶୀଲ



ମଣିଷର ପ୍ରକୃତି ଯାହା ଉପର ଦେଇ ଚଢ଼ିବ ତାକୁ ହିଁ ପ୍ରଥମେ ଭୁଲିଯିବ। ଛାତକୁ ଚଢ଼ି ସାରିଲାପରେ ଶିଡ଼ି କଥା ମନେଥାଏ କି?

- ମାର୍କ ଟ୍ୱାଇନ୍



## ସଂକ୍ଷେପରେ

### ବେଆଇନ ଭାବେ ଗୋରୁ ଚାଲାଣ: ୩ ଗିରଫ

**ବାଲିଅନ୍ତା,୪।୪(ଡି.ଏନ୍.ଏ.):** ଏକ ଟାଟା ଏସିଇ ଗାଡ଼ିରେ ବେଆଇନ ଭାବେ ଗୋରୁ ଚାଲାଣ କରୁଥିବା ଅଭିଯୋଗରେ ବାଲିଅନ୍ତା ପୋଲିସ ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅଧୀନ ଯଦୁପୁରର ଗାଡ଼ି ଡ୍ରାଇଭର ଏସ୍.କେ. ଆଝାର, ଗାଡ଼ି ମାଲିକ ଯଦୁପୁରର ଏସ୍.କେ. ନାସିର ଓ ନିମାପଡ଼ା ଥାନା ଅଧୀନ ବଡ଼ମାଛପୁର ରେଙ୍ଗାଲିର ଏସ୍.କେ. ଇଜ୍‌ହାର। ପୋଲିସ ସୂଚନା ମୁତାବକ, ଗତ ୨ତାରିଖ ରାତି ପ୍ରାୟ ୧୨ଟାରେ ଏକ ଟାଟା ଏସିଇ ଗାଡ଼ି(ନଂ. ଓଡି-୦୨ଏକ୍ୟୁ-୬୫୩୮) ୫ ଜର୍ସି ଗାଈ ବୋଝେଇ କରି ନିମାପଡ଼ାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ବାଲିଅନ୍ତା ଥାନା ବ୍ରାହ୍ମଣଷଡ଼ଙ୍ଗୀ ଛକଠାରେ କେତେଜଣ ଯୁବକ ଗାଡ଼ି ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁ ବୋଝେଇ ଗାଡ଼ି ଜବତ କରି ଥାନାକୁ ଆଣିଥିଲା। ଏ ନେଇ ନଂ. ୯୩/୧୯ରେ ଥାନାରେ ମାମଲା ରୁଜୁ ହୋଇଛି।

### ପଇଡ ଦୋକାନୀଙ୍କୁ ବ୍ଲେଡରେ ଆକ୍ରମଣ, ସନ୍ଦିଗ୍ଧ ଗିରଫ

**ଭୁବନେଶ୍ୱର,୪।୪(ବ୍ୟୁରୋ):** କ୍ୟାପିଟାଲ ଥାନା ଅନ୍ତର୍ଗତ ଲୋୟର ପିଏମ୍‌ଜିଠାରେ ପଇଡ଼ ଦୋକାନ କରିଥିବା କଟକ ଜିଲା ତୁଳସୀପୁର ଅଞ୍ଚଳର ଅଭୟ କୁମାର ବେହେରାଙ୍କୁ ବ୍ଲେଡ୍‌ରେ ଆକ୍ରମଣ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ କଟକ ତେଲେଙ୍ଗାପେଣ୍ଠ ବଢ଼େଇ ସାହିର ପ୍ରତ୍ୟୁଷ କୁମାର ରାୟ। ପୋଲିସ ସୂଚନାନୁସାରେ, ବୁଧବାର ବିଳମ୍ବିତ ରାତିରେ ଅଭୟଙ୍କ ଦୋକାନ ନିକଟରେ ପ୍ରତ୍ୟୁଷ ସନ୍ଦେହଜନକ ଅବସ୍ଥାରେ ବସିଥିଲେ। ଏହା ଦେଖି ଅଭୟ ତାଙ୍କର ପରିଚୟ ପଚାରିବାରୁ ସେ ହଠାତ ଦୌଡ଼ିଥିଲେ। ସନ୍ଦେହ କରି ଅଭୟ ତାଙ୍କୁ କିଛି ବାଟ ଗୋଡ଼ାଇ ଧରିଥିଲେ। ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ପ୍ରତ୍ୟୁଷ ନିକଟରେ ରଖିଥିବା ଏକ ବ୍ଲେଡ୍‌ରେ ଅଭୟଙ୍କ ମୁହଁକୁ କାଟିଦେବା ସହ ତଳେ ପକାଇ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କାରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଏ ନେଇ ପୋଲିସ ୧୨୦/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରତ୍ୟୁଷଙ୍କୁ ଗୁରୁବାର ଗିରଫ କରିଛି।

### ନାବାଳିକା ଅପହରଣ: ଅଭିଯୁକ୍ତ ଅଟକ

**ଭୁବନେଶ୍ୱର, ୪।୪(ବ୍ୟୁରୋ):** ଖଣ୍ଡଗିରି ଥାନା ଅଞ୍ଚଳରୁ ଜଣେ ଅପହୃତା ନାବାଳିକାଙ୍କୁ ପୋଲିସ ବୁଧବାର ଉଦ୍ଧାର କରିବା ସହ ତାଙ୍କ ପ୍ରେମିକଙ୍କୁ ଥାନାରେ ଅଟକ ରଖିଛି। ନାବାଳିକାଙ୍କ ଡାକ୍ତରୀ ମାଇନା କରାଯିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷେ ପ୍ରେମିକଙ୍କୁ ଛାଡ଼ିଦେବା ପାଇଁ ଜିଦ୍ ଧରି ନାବାଳିକାଜଣକ ଥାନା ଆଗରେ କିଛି ସମୟ ପାଇଁ ଉତ୍ପାତ କରିଥିଲେ। ସୂଚନା ଅନୁଯାୟୀ, ୧୪ ବର୍ଷୀୟା ଏହି ନାବାଳିକା ଜଣକ ଖଣ୍ଡଗିରି ଥାନା ଅଞ୍ଚଳର ଏକ ବସ୍ତିରେ ପରିବାର ସହ ରହନ୍ତି। ସେହି ବସ୍ତିର ଜଣେ ଯୁବକ ତାଙ୍କୁ ଭଲ ପାଉଥିଲେ। ପରିବାର ଲୋକେ ଏକଥା ଜାଣିବା ପରେ ତାଙ୍କୁ ଆକଟ କରିଥିଲେ। ଫଳରେ ସେ ନିଜ ପ୍ରେମିକଙ୍କ ସହ କଥା ହୋଇପାରୁ ନ ଥିଲେ। ଶେଷରେ ପ୍ରେମିକଙ୍କ ସହ ଘର ଛାଡି ପଳାଇଥିଲେ। ନାବାଳିକାଙ୍କ ପରିବାର ଲୋକେ ଏ ନେଇ ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ। ତାଙ୍କ ଝିଅକୁ ସମ୍ପୃକ୍ତ ଯୁବକ ଅପହରଣ କରିନେଇଥିବା ଅଭିଯୋଗ କରିଥିଲେ। ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ଜଳିଗଲା ଘର

**ପୁରୁଣା ଭୁବନେଶ୍ୱର,୪।୪(ଡି.ଏନ୍.ଏ.):** ଉତ୍ତରା ଫାଣ୍ଡି ଅଧୀନ ଦୀନଉଦ୍ଧାରଣ ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ନିଳମଣୀ ବେହେରାଙ୍କ ଘର ଭସ୍ମୀଭୂତ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ପ୍ରାୟ ୫୦ହଜାର ଟଙ୍କାର ଆସବାବପତ୍ର ପୋଡିଯାଇଥିବା ଜଣାପଡିଛି। ଖବରପାଇ ପିପିଲି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରଙ୍କୁ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।







ଭୁବନେଶ୍ୱର(ଉତ୍ତର) ଆସନ ପାଇଁ ବିଜେଡି ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର(ମଧ୍ୟ) ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ସଞ୍ଜୁକ୍ତା ମହାନ୍ତି ଓ ଭୁବନେଶ୍ୱର(ଉତ୍ତର) ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ରାଜକୁମାର ରାଉତଙ୍କ ପ୍ରାର୍ଥୀପତ୍ର ଦାଖଲ।







ଭୁବନେଶ୍ୱର(ଉତ୍ତର) ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଇତିଶ ପ୍ରଧାନ ଓ ଭୁବନେଶ୍ୱର(ମଧ୍ୟ) ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ରାଜୀବ କୁମାର ପଟ୍ଟନାୟକ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି ଏବଂ ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ଶୋଭାଯାତ୍ରାରେ କର୍ମୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ୧୦ ନାମାଙ୍କନ

**ଖୋର୍ଦ୍ଧା ଅଫିସ,୪।୪**

ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଗୁରୁବାର ରିଟର୍ନିଂ ଅଫିସର ତଥା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଆମ୍ବେଡକର ପାର୍ଟି ଅଫ ଇଣ୍ଡିଆରୁ ସୁବ୍ରତ ମହାପାତ୍ର, ସ୍ୱାଧୀନ ପ୍ରାର୍ଥୀ ଭାବେ ମଧୁସୂଦନ ଯାଦବ, ପ୍ରିୟ ରଞ୍ଜନ ମିଶ୍ର, ସୁଶୀଲ କୁମାର ଜେନା ଓ ମହେଶ ସେଠୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି କଳିଙ୍ଗ ସେନା ପାର୍ଟିର ଭକ୍ତ ଶେଖର ରାୟ, ବହୁଜନ ସମାଜବାଦୀ ପାର୍ଟିର ଲଳିତ କୁମାର ନାୟକ, ଜୟ ପ୍ରକାଶ ଜନତା ଦଳର ଶଙ୍କର ବେହେରା, ଅଖିଳ ଭାରତ ହିନ୍ଦୁ ମହାସଭାର ଭାସ୍କର ଚନ୍ଦ୍ର ମହାନ୍ତି ପ୍ରମୁଖ ଜିଲାପାଳଙ୍କ ପାଖରେ ଅନୁରୂପ ଭାବେ ଲୋକ ସଭା ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

## ଶୋଭାଯାତ୍ରାରେ ଦୁଇ ଅପରାଜିତା

**ଖୋର୍ଦ୍ଧା ଅଫିସ,୪।୪**

ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀପତ୍ର ଦାଖଲ ଗୁରୁବାର ଶେଷ ହୋଇଛି। ଭାଜପାର ଭୁବନେଶ୍ୱର ଲୋକ ସଭା ପ୍ରାର୍ଥିନୀ ଅପରାଜିତା ଷଡଙ୍ଗୀଙ୍କ ସହ ଓଡ଼ିଆ ଚଳଚ୍ଚିତ୍ର ନାୟିକା ତଥା ଭୁବନେଶ୍ୱର ଉତ୍ତର ବିଧାନସଭା ପ୍ରାର୍ଥୀ ଅପରାଜିତା ମହାନ୍ତିଙ୍କ ଶୋଭାଯାତ୍ରାରେ ଏହା ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାରେ ଦୁଇ ଅପରାଜିତାଙ୍କୁ ଦେଖିବାକୁ ଭିଡ ଜମିଥିଲା। ଅନ୍ୟପକ୍ଷେ ଅପରାଜିତାଙ୍କ ଶୋଭାଯାତ୍ରାରେ ଯୁବତୀଙ୍କ ବାଇକ୍ ରାଲି, ଯୁବତୀଯୁବକଙ୍କ ନୃତ୍ୟର ଆସର ବେଶ୍ ଆକର୍ଷଣ ଥିଲା। ସେହିଭଳି ଚିଲିକା ବିଧାନସଭାର ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କ ଶୋଭାଯାତ୍ରାରେ ମଧ ନାଚଗୀତ ସାଙ୍ଗକୁ ଅଧିକ ଗହଳି ପରିଲକ୍ଷିତ ହୋଇଥିଲା। ଶୋଭାଯାତ୍ରାରେ ପୂର୍ବତନ ବିଧାୟକ ରଘୁନାଥ ସାହୁ ଓ ପୁରୀ ଲୋକ ସଭା ପ୍ରାର୍ଥୀ ପିନାକୀ ମିଶ୍ରଙ୍କୁ ଦେଖିବାକୁ ମିଳିଥିଲା। ପ୍ରଶାନ୍ତ ରଘୁଙ୍କୁ ମନାଇ ଶୋଭାଯାତ୍ରାରେ ସାମିଲ କରି ଦଳୀୟ ଭୋଟକୁ ହାତେଇବାକୁ ସକ୍ଷମ ହୋଇଛନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ବେଗୁନିଆ ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ରିଷଭ ନନ୍ଦଙ୍କ ଶୋଭାଯାତ୍ରା ଚଣ୍ଡିତୁଆଠାରୁ, ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କାଳୁ ଖଣ୍ଡାୟତରାୟଙ୍କ ଶୋଭାଯାତ୍ରା ବାଟମଙ୍ଗଳା, ଲୋକେଶ୍ୱର ମନ୍ଦିର ଓ ଭାଲିଆବାଡି ପଡିଆରୁ ବାହାରି ନୂଆବସଷ୍ଟାଣ୍ଡଠାରେ ଏକାଠି ହୋଇଥିଲେ। ସେହିପରି ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ଅପରାଜିତାଙ୍କ ଶୋଭାଯାତ୍ରା ଭୁବନେଶ୍ୱରଠାରୁ, ବେଗୁନିଆ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ସାହୁଙ୍କ ଶୋଭାଯାତ୍ରା ଏଲଆଇସି ଅଫିସ ପଡିଆ, ଚିଲିକା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରଶାନ୍ତଙ୍କ ଶୋଭାଯାତ୍ରା ପଲ୍ଲାଛକଠାରୁ ବାହାରି ସହର ପରିକ୍ରମା କରି ନାମାଙ୍କନପତ୍ର ଦାଖଲ ସ୍ଥାନରେ ପହଞ୍ଚିଥିଲା।

## ବିଧାନସଭା ପାଇଁ ନାମାଙ୍କନପତ୍ର ଦାଖଲ

**ଖୋର୍ଦ୍ଧା ଅଫିସ,୪।୪**

ଗୁରୁବାର ଥିଲା ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲର ଶେଷ ଦିବସ। ଏଥିରେ ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଚିନ୍ତାମଣି ସାହୁ, ସ୍ୱର୍ଣ୍ଣଲତା ଖଣ୍ଡାୟତରାୟ, ପ୍ରିୟରଞ୍ଜନ ପାତ୍ର ଓ ପ୍ରଶାନ୍ତ କୁମାର ମହାନ୍ତି, ଭାଜପାର କାଳୁ ଚରଣ ଖଣ୍ଡାୟତରାୟ, କଂଗ୍ରେସରୁ ସ୍ୱାଗତିକା ପଟ୍ଟନାୟକ, ଜୟ ପ୍ରକାଶ ଜନତା ଦଳର ରିନାରାଣୀ ନାୟକ, ବହୁଜନ ସମାଜପାର୍ଟିର ରାଜ କିଶୋର ନାୟକ ପ୍ରମୁଖ ଖୋର୍ଦ୍ଧା ଉପଜିଲାପାଳ ସରୋଜ ସାହୁଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଶିବ ପ୍ରସାଦ ମିଶ୍ର ଓ ବିଶ୍ୱଜିତ୍ ପଟ୍ଟନାୟକ, ଭାଜପାରୁ ରିଷଭ ନନ୍ଦ, କଂଗ୍ରେସରୁ ପ୍ରଦୀପ କୁମାର ସାହୁ ଶୋଭାଯାତ୍ରାରେ ଆସି ଖୋର୍ଦ୍ଧା ଉପଜିଲାପାଳ ସାହୁଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜୟଦେବ ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ମାଲ୍ୟ ପ୍ରସାଦ ବେହେରା, ରାଘବ ଚନ୍ଦ୍ର ସେଠୀ, ସୁରେନ୍ଦ୍ର ଭଞ୍ଜ, ଜୟନ୍ତ କୁମାର ଭୋଇ, ମହେନ୍ଦ୍ର କୁମାର ବେହେରା ଓ ବାହନ ଭୋଇ, କଂଗ୍ରେସରୁ ସୁକାନ୍ତ ତିଆଡି, ବହୁଜନ ସମାଜବାଦୀ ପାର୍ଟିରୁ ପବିତ୍ର ମୋହନ ଭୋଇ, ଜୟ ପ୍ରକାଶ ଜନତା ଦଳରୁ ବନ୍ଧୁ ସେଠୀ ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏକାମ୍ର ଭୁବନେଶ୍ୱର ପାଇଁ ସ୍ୱାଧୀନରୁ ଜ୍ଞାନେନ୍ଦ୍ର ମହାନ୍ତି, କଳିଙ୍ଗ ସେନାରୁ ଦୀପ୍ତିମୟୀ ମହାପାତ୍ର, ବହୁଜନ ସମାଜବାଦୀ ପାର୍ଟିରୁ ବୀଣାପାଣି ଭୋଇ, ଏଏସ୍‌ପିରୁ ସୁମିତ କୁମାର ମିଶ୍ର, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକରୁ ନାରାୟଣ ଦଳୁଆ ପ୍ରମୁଖ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଚିଲିକା ନିର୍ବାଚନମଣ୍ଡଳୀରୁ ବିଜେଡିରୁ ପ୍ରଶାନ୍ତ କୁମାର ଜଗଦେବ, କଂଗ୍ରେସରୁ ପ୍ରଦୀପ କୁମାର ସ୍ୱାଇଁ, ସ୍ୱାଧୀନ ପ୍ରାର୍ଥୀ ଶଶାଙ୍କ ଶେଖର ମହାପାତ୍ର, ବହୁଜନ ସମାଜବାଦୀ ପାର୍ଟିର ବସନ୍ତ ବେହେରା, ଶିଶିର କୁମାର ମିଶ୍ର ପ୍ରମୁଖ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

## ଶତରୁପା ସାହିତ୍ୟ ସମାଜର ତ୍ରୟ ମାସିକ ସାହିତ୍ୟ ସମାରୋହ

**ଭୁବନେଶ୍ୱର, ୪।୪(ବ୍ୟୁରୋ)**

ଶତରୁପା ସାହିତ୍ୟ ସମାଜ ପକ୍ଷରୁ ତ୍ରୟ ମାସିକ ସାହିତ୍ୟ ସମାରୋହ ଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଇଜରର କୁଳସଚିବ ଡ. ଅଭୟ କୁମାର ନାୟକ, ଗୀତି କବି ଡ. ଶ୍ରୀଚରଣ ମହାନ୍ତି ଓ ଓଡ଼ିଶୀ ସଙ୍ଗୀତ ଗୁରୁ ନିମାକାନ୍ତ ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ କବି ନିଜ ସ୍ୱରଚିତ କବିତା ପାଠ କରିଥିଲେ। ସଙ୍ଗୀତକାର ମହେଶ୍ୱର ସାହୁଙ୍କ ଦ୍ୱାରା ସଭା ପରିଚାଳନା ହୋଇଥିବା ବେଳେ ଭଜକୃଷ୍ଣ ମହାନ୍ତି, ଗୋଲକ ବିହାରୀ ନାୟକ, ଚମକ ଚାନ୍ଦିନୀ ଦାଶ, ମନିକା ମହାପାତ୍ର, ନିରୁପମା କର, ଗୀତି କବି ରବି ମହାପାତ୍ର, କୀର୍ତ୍ତିମୟୀ ମହାନ୍ତି, ରଞ୍ଜିତ ଦାସଙ୍କ ସମେତ ବହୁ କବି, ନାଟ୍ୟକାର ସଙ୍ଗୀତଜ୍ଞ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ଚକ୍ରଧର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



ସାହିତ୍ୟ ସମାରୋହରେ ଯୋଗଦେଇଥିବା ଅତିଥି।

■ ଅପରେଶନ ସ୍ମାଇଲ, ମୁସ୍‌କାନ, ପରୀ-୨ ଯୋଜନାରେ ସୀମିତ

## ବେଧଡ଼କ ଚାଲିଛି ଭିକ୍ଷାବୃତ୍ତି, ବଢୁଛି ଶିଶୁ ଶ୍ରମିକଙ୍କ ସଂଖ୍ୟା

**ପୁରୁଣା ଭୁବନେଶ୍ୱର, ୪।୪(ଡି.ଏନ.ଏ.)**

ରାଜଧାନୀ ଭୁବନେଶ୍ୱରରେ କେବଳ ନୁହଁ, ରାଜ୍ୟର ବିଭିନ୍ନ ସହରରେ ଏବେ ଶିଶୁ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହା ସାଙ୍ଗକୁ ଭିକ୍ଷାବୃତ୍ତି କରୁଥିବା ଶିଶୁଙ୍କ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ଏଥିରେ ରୋକ୍ ଲଗାଇବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୫ ଜାନୁୟାରୀରେ ଆରମ୍ଭ ହୋଇଥିଲା ଅପରେଶନ ସ୍ମାଇଲ। ସେହିବର୍ଷ ଜୁଲାଇରେ ମୁସ୍‌କାନ ଯୋଜନା ମଧ୍ୟ କାର୍ଯ୍ୟକାରୀ ହୋଇଥିଲା। ବର୍ଷକୁ ୨ଥର ଏଭଳି ଯୋଜନାରେ ହଜି ଯାଇଥିବା ପିଲାମାନଙ୍କୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିବା ଥିଲା ମୂଳ ଲକ୍ଷ୍ୟ। ୨୦୧୮ରେ ପରୀ-୨ ମଧ୍ୟ ସମାନ ଲକ୍ଷ୍ୟ ନେଇ କାର୍ଯ୍ୟ କରିଥିଲା। ନିର୍ବାଚନ ପାଇଁ ବୋଧହୁଏ ୨୦୧୯ ଜାନୁୟାରୀରେ ହେବାକୁ ଥିବା ଏହି ଯୋଜନା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରୁନାହିଁ। କ୍ରାଇମ୍‌ବ୍ରାଞ୍ଚ ଏବଂ ଡବ୍ଲୁସିଡି, ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ କାର୍ଯ୍ୟ କରୁଥିବା ଏହି ଯୋଜନା ଏବେ ସୀମିତ ରହିଛି। ଯାହାର ଫାଇଦା ଉଠାଉଛନ୍ତି ରାଜଧାନୀ ଭୁବନେଶ୍ୱରର ହୋଟେଲ, ବ୍ୟବସାୟୀ ସଂସ୍ଥା ଏବଂ ପ୍ରାଇଭେଟ କମ୍ପାନୀର ମାଲିକମାନେ। ସହରର ବିଭିନ୍ନ ସ୍ଥାନରେ ଶିଶୁ ଶ୍ରମିକମାନେ ଏମାନଙ୍କ ପାଖରେ ନିୟମିତ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ସେମାନଙ୍କ ମଧ୍ୟରୁ ଅନେକେ ନାବାଳକ ଓ ବାଳିକା ଅଛନ୍ତି। ଏହି ବର୍ଗର ପିଲାମାନେ ସହରର ଗଳି ଅଞ୍ଚଳରେ ବୁଲି ଭିକ୍ଷାବୃତ୍ତି କରୁଥିବା ମଧ୍ୟ ଦେଖିବାକୁ ମିଳୁଛି। ନାମକୁମାତ୍ର ସରକାର ଯୋଜନା କରୁଥିବାବେଳେ ଉପଯୁକ୍ତ ସଚେତନତା ସୃଷ୍ଟି କରିବାର ଅଭାବ ପାଇଁ ଏଭଳି ଘଟୁଥିବା ବୁଦ୍ଧିଜୀବୀମାନେ କହିଛନ୍ତି। ଏ ନେଇ ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ଡ. ବେଣୁଧର ସେନାପତିଙ୍କୁ ପଚାରିବାରେ ଓଡ଼ିଶା ପ୍ରଥମ ରାଜ୍ୟ ଯାହାର ଇଣ୍ଟିଗ୍ରେଟେଡ ଚାଇଲ୍ଡ ପ୍ରୋଟେକଶନ ସ୍କିମ୍‌ର ସମସ୍ତ ପ୍ରୋଭିଜନକୁ ଲାଭ କରିଛି। ଏଣୁ ସବୁଥାଇ ଫେଲ ହେବା ଅର୍ଥ ସିଷ୍ଟମ୍ ଭିତରେ ସମନ୍ୱୟ ରହୁନାହିଁ। ସମସ୍ତ ବିଭାଗର କର୍ମକର୍ତ୍ତାଙ୍କ ମଧ୍ୟରେ ମଧ୍ୟ ଆନ୍ତରିକତା ନ ଥିବା ଦେଖିବାକୁ ମିଳୁଛି। ତଥାପି ଆମେ ଯୋଜନାର ସଫଳତା ପାଇଛୁ ବୋଲି ସେ କହିଥିଲେ।

## ମହିଳାଙ୍କୁ ଅସଦାଚରଣ, ପରିବାର ସଦସ୍ୟଙ୍କୁ ଆକ୍ରମଣ ୩ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୪।୪(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚାଣ ସହ ପରିବାର ଲୋକଙ୍କୁ ମାଡ ମାରିବା ଓ ଦୋକାନରେ ପଶି ଭଙ୍ଗାରୁଜା କରିବା ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ଚକେଇସିଆଣୀର ରାକେଶ ରାଉତ, ବାଜିଆ ସ୍ୱାଇଁ ଏବଂ ଭିଏସ୍‌ଏସ୍‌ନଗରର ସଂଗ୍ରାମ କେଶରୀ ସ୍ୱାଇଁ। ସୂଚନା ମୁତାବକ, ଆକ୍ରମଣର ଶିକାର ମହିଳା ଓ ତାଙ୍କ ପରିବାର ଚକେଇସିଆଣୀ ଅଞ୍ଚଳରେ ରହୁଛନ୍ତି। ତାଙ୍କର ଏକ ଦୋକାନ ରହିଛି। ଦୋକାନ ଓ ଅନ୍ୟ କେତେକ କାରଣକୁ ନେଇ ସ୍ଥାନୀୟ କେତେଜଣ ଯୁବକଙ୍କ ସହ ମହିଳାଙ୍କର ଶତ୍ରୁତା ରହିଥିଲା। ଉପରୋକ୍ତ ୩ ଅଭିଯୁକ୍ତ ଓ ସହଯୋଗୀମାନେ ବୁଧବାର ସନ୍ଧ୍ୟାରେ ମହିଳାଙ୍କ ଦୋକାନରେ ପଶି ଭଙ୍ଗାରୁଜା କରିଥିଲେ। ଏ ନେଇ ମହିଳା ବିରୋଧ କରିବାରୁ ତାଙ୍କୁ ଗାଳି ଗୁଲଜ ସହ ଅସଦାଚାଣ କରିଥିଲେ। ଜୀବନ ଭୟରେ ମହିଳା ଜଣକ ଘରକୁ ଚାଲିଯାଇଥିଲେ। ଅଭିଯୁକ୍ତମାନେ ପଛେ ପଛେ ଘରେ ପଶି ପରିବାରର ଅନ୍ୟ ସଦସ୍ୟଙ୍କୁ ମାଡ଼ ମାରି ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ୧୧୯/୧୯ରେ ମାମଲା ରୁଜୁ କରିଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ପ୍ରଜା ଆନ୍ଦୋଳନର ମୁଖ୍ୟ ସୂତ୍ରଧର ଥିଲେ ରଘୁ-ଦିବାକର

**ଭୁବନେଶ୍ୱର,୪।୪(ବ୍ୟୁରୋ)**

ବ୍ରିଟିଶ ଶାସନ ବିରୋଧରେ ରଣପୁରରେ ବ୍ୟାପକ ହୋଇଥିବା ପ୍ରଜା ଆନ୍ଦୋଳନର ମୁଖ୍ୟ ସୂତ୍ରଧାର ଥିଲେ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା। ବେଠି, ବେଗାରୀ, ମାଗଣ ଆଦି କୁପ୍ରଥା ବିରୋଧରେ ପ୍ରଜାମାନଙ୍କ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ରଘୁ ଓ ଦିବାକର। ୧୯୩୯ ମସିହା ଜାନୁୟାରୀରେ ପ୍ରଜା ବିଦ୍ରୋହ ଦମନ କରିବା ପାଇଁ ରଣପୁର ଯାଇଥିବା ପଲିଟିକାଲ୍ ଏଜେଣ୍ଟ ମେଜର ବେଜେଲ୍‌ଗେଟ୍‌ଙ୍କ ମୃତ୍ୟୁକୁ ନେଇ ରଘୁ-ଦିବାକରଙ୍କୁ ଦୋଷୀ କରାଯାଇଥିଲା। ଭାଗଲପୁର ଜେଲ୍‌ରେ ରଖାଯିବା ପରେ ଦୁହିଁଙ୍କୁ ୧୯୪୧ ଏପ୍ରିଲ ୪ରେ ଫାଶୀ ଦିଆଯାଇଥିଲା। ଫାଶୀ ପାଇଥିବା ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୁରୁବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସୂଚନା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ବିଭାଗୀୟ ଯୁଗ୍ମ ଶାସନ ସଚିବ ଶୁଭେନ୍ଦ୍ର କୁମାର ନାୟକ, ଉପନିର୍ଦ୍ଦେଶକ ବିପିନ ବିହାରୀ ବାରିକୀ, ଉପନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱରସ୍ଥିତ ରଣପୁର ସାଂସ୍କୃତିକ ପରିଷଦ ତଥା ରାଜ୍ୟସ୍ତରୀୟ ରଘୁ-ଦିବାକର ସ୍ମୃତି ପରିଷଦ ସମ୍ପାଦକ ଗୌରାଙ୍ଗ ନାୟକ, ଅନୁଷ୍ଠାନ ସଦସ୍ୟ କିଶୋର ଚନ୍ଦ୍ର ଖିଲାର, ଶ୍ୟାମାପ୍ରସାଦ ପଟ୍ଟନାୟକ, ଗୋବିନ୍ଦ ପ୍ରଧାନ ଯୋଗଦେଇଥିଲେ।

■ ରହୁନି ଘର ମାଲିକଙ୍କ କଟକଣା

## ବେଧଡ଼କ ଚାଲୁଛି ସେକ୍ସ ର୍‍ୟାକେଟ୍

**ପୁରୁଣା ଭୁବନେଶ୍ୱର, ୪।୪(ଡି.ଏନ.ଏ.)**

କମିଶନରେଟ୍ ପୋଲିସ ଅଞ୍ଚଳରେ ଚୋରି, ଡକାୟତି, ଛିନତାଇ ଭଳି ଅପରାଧମାନ ଘଟୁଥିବାବେଳେ ବିଳମ୍ବିତ ରାତିରେ ବିଭିନ୍ନ ବ୍ୟବସାୟ ଅନୁଷ୍ଠାନ, କ୍ଲିନିକଗୁଡିକରେ କାର୍ଯ୍ୟ କରୁଛି ସେକ୍ସ ର୍‍ୟାକେଟ। ବିଶେଷକରି ଧଉଳି ଓ ଲିଙ୍ଗରାଜ ଥାନା ଅଧୀନରେ ଏହାର ପ୍ରଭାବ ଦେଖିବାକୁ ମିଳେ। ଗଡମହାବୀର ଅଞ୍ଚଳ, ଗ୍ୟାରେଜ ଓ ସାମନ୍ତରାପୁର ଛକ ଅଞ୍ଚଳରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ, କ୍ଲିନିକ୍, ଦୋକାନ ବନ୍ଦ ହେବା ପରେ ଏଠାରେ କାମ କରୁଥିବା କର୍ମଚାରୀମାନଙ୍କ ଦ୍ୱାରା ଏହି ଅନୈତିକ କାର୍ଯ୍ୟ ଅନାୟାସରେ ଚାଲିଥାଏ। କାର୍ଯ୍ୟାଳୟଗୁଡିକ ନିର୍ଦ୍ଦିଷ୍ଟ ସମୟରେ ବନ୍ଦ ହେବାର ନିୟମ ଥିଲେ ମଧ୍ୟ ଏଗୁଡ଼ିକ ବିଳମ୍ବିତ ରାତି ଯାଏ ଖୋଲା ରହୁଥିବା ଦେଖିବାକୁ ମିଳୁଛି, ଯାହାର ଫାଇଦା ଉଠାଉଛନ୍ତି ଏମାନେ। ତେବେ ଘର ମାଲିକମାନେ ଘରଭଡାରୁ ପ୍ରଚୁର ଅର୍ଥ ଉପାର୍ଜନ କରିବା ସହ ଚୁପ୍ ହୋଇ ରହୁଛନ୍ତି। କଟକଣା ରହୁ ନ ଥିବାରୁ କେହି ସଚେତନ ହେଉନାହାନ୍ତି। ତେଣୁ ଅନାୟାସରେ ଏଭଳି କାର୍ଯ୍ୟକଳାପ ଘଟୁଥିବା ଦେଖିବାକୁ ମିଳୁଛି। ସୂଚନାଥାଉ କି, ଗଡ଼ମହାବୀର ଅଞ୍ଚଳରେ ଦୁଇ ଦୁଇଥର ସେକ୍ସ ର୍‍ୟାକେଟ ଉପରେ ଚଡ଼ାଉ କରି ଲିଙ୍ଗରାଜ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଯୁବତୀ ଓ ମହିଳାମାନଙ୍କୁ ଉଦ୍ଧାର କରିବା ଦେଖିବାକୁ ମିଳିଛି। ଏ ନେଇ ଆଇଆଇସି ଶରତ କୁମାର ପାତ୍ରଙ୍କୁ ପଚାରିବାରେ ଥାନାରେ ନୂଆ କରି କାର୍ଯ୍ୟଭାର ଗ୍ରହଣ କରିଛି, ଘଟଣା ନେଇ ଅବଗତ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି ସେ କହିଥିଲେ।

### ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଆକ୍ରମଣ ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

**କଟକ ରୋଡ,୪।୪(ଡି.ଏନ୍.ଏ.):** ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ବଡ଼ଗଡ଼ ପୋଲିସ ଗୁରୁବାର ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଡ଼ଗଡ଼ ଅଞ୍ଚଳର ଜଗନ୍ନାଥ ସିଂ(ଜଗା)। ପୋଲିସ ସୂଚନା ଅନୁଯାୟୀ, ଗତ ଜାନୁୟାରୀ ୨୮ରେ ଜଗାଙ୍କ ସହ ଅନ୍ୟ ୨ ସହଯୋଗୀ କଳ୍ପନା ଛକ ନିକଟରେ ଥିବା ପେଟ୍ରୋଲ ପମ୍ପକୁ ଆସିଥିଲେ। କୌଣସି କାରଣ ନେଇ ପମ୍ପ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସହ ଜଗାଙ୍କ ବଚସା ହୋଇଥିଲା। ପରେ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରଙ୍କୁ ମାଡ଼ ମାରି ଫେରାର ହୋଇଯାଇଥିଲେ। ଅଭିଯୋଗକ୍ରମେ ଥାନାରେ ମାମଲା(ନଂ. ୨୭/୧୯)ରୁଜୁ ହୋଇଥିଲା।

■ ସୋସିଆଲ ମିଡିଆରେ ପ୍ରେମ ମହଙ୍ଗା ପଡ଼ିଲା

## ଧୋକା ଖାଇବା ପରେ ଥାନାର ଦ୍ୱାରସ୍ଥ ପ୍ରେମିକା

**ଭୁବନେଶ୍ୱର,୪।୪ (ବ୍ୟୁରୋ)**

ପ୍ରଥମେ ସୋସିଆଲ ମିଡିଆରେ ପରିଚିତ ହେଲେ। ଚାଟିଂ ଓ ଭିଡିଓ କଲିଂରେ ରାତିଦିନ ନିଅଣ୍ଟ ପଡ଼ିଲା। ଉଭୟ ଭେଟ ହେବା ପରେ ସମ୍ପର୍କ ଆହୁରି ବଢ଼ିଗଲା। ପାର୍କ, ରେଷ୍ଟୁରାଣ୍ଟ ଓ ଫିଲ୍ମ ଗଲେ। ସମୟକ୍ରମେ ଉଭୟେ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ପ୍ରେମିକ ଜଣକ ବିବାହ ପାଇଁ କିଛି ଦିନ ସମୟ ମାଗି ପ୍ରେମିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଲେ। ଏପରିକି ଦୁହେଁ ଗୋଟିଏ ଘରେ ମଧ୍ୟ ରହିଲେ। ପ୍ରେମିକର ମନ ଭରିଯିବା ପରେ ସେ ବିବାହ କରିବାକୁ ମନା କରିଦେଲେ। ଶେଷରେ ଧୋକା ଖାଇବା ପରେ ପ୍ରେମିକା ଲକ୍ଷ୍ମୀସାଗର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଯୁବତୀଙ୍କ ଡାକ୍ତରୀମାଇନା କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଯୁବତୀ ଜଣକ ଏକ ଘରୋଇ ସଂସ୍ଥାରେ କାମ କରନ୍ତି। ସେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବାବେଳେ ପ୍ରତାରକ ଯୁବକଙ୍କ ଘର କଟକରେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିବା ପରେ ଯୁବକ ଜଣକ ଭୁବନେଶ୍ୱରରେ ଏକ ଘରୋଇ ସଂସ୍ଥାରେ ଚାକିରି କରିଥିଲେ। ଉଭୟେ ଏକାଠି ରହିବା ପରେ ଯୁବତୀ ଜଣକ ବାରମ୍ବାର ଗର୍ଭବତୀ ହୋଇଛନ୍ତି। ମାତ୍ର ନାନା ବାହାନା କରି ଯୁବକ ଜଣକ ତାଙ୍କ ଗର୍ଭ ନଷ୍ଟ କରିଥିଲେ। ସନ୍ଦେହ ହେବାରୁ ଯୁବତୀ ଜଣକ ବିବାହ ପାଇଁ ଜିଦ୍ ଧରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଯୁବକ ଜଣକ ଶେଷରେ ଯୁବତୀଙ୍କୁ ମାଡ଼ମାରି ତଡ଼ି ଦେଇଥିବା ଅଭିଯୋଗପର୍ତ୍ତ୍ରରେ ଉଲ୍ଲେଖ ରହିଛି।

ଏନେଇ ମହିଳା ଥାନା ଅଧିକାରୀ ଅନୁସୟା ନାୟକ କହିଛନ୍ତି, କାର୍ଯ୍ୟ ବ୍ୟସ୍ତତା ଯୋଗୁ ଯୁବତୀଙ୍କ ଅଭିଯୋଗକୁ ଅନୁଧ୍ୟାନ କରିପାରିନି। ଶୁକ୍ରବାର ଉକ୍ତ ଯୁବତୀଙ୍କୁ ଡାକିଛୁ। ତାଙ୍କ ବୟାନ ରେକର୍ଡ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

■ ଓଡ଼ିଶା ଉପରେ ସୁନା ସ୍ମଗଲରଙ୍କ ନଜର

# ବିମାନବନ୍ଦରରୁ ବର୍ଷକରେ ୪.୫ କୋଟିର ସୁନା ଜବତ



ପୂର୍ବରୁ ଜବତ ହୋଇଥିବା ସୁନା ।

■ ୭ ଗିରଫ, ବହୁ ଯାତ୍ରୀଙ୍କୁ ଅଟକ ପରେ ଛାଡି ଦିଆଯାଇଛି

■ ମହିଳା ଯାତ୍ରୀଙ୍କ ଉପରେ କଷ୍ଟମ ବିଭାଗର ନଜର

ଭୁବନେଶ୍ୱର,୪।୪ (ବ୍ୟୁରୋ)

ଓଡ଼ିଶା ଉପରେ ଏବେ ଅନ୍ତର୍ଜାତୀୟ ସୁନା ସ୍ମଗଲରଙ୍କ ନଜର। ବିଦେଶରୁ ଓଡ଼ିଶା ଦେଇ ଭାରତର ଅନ୍ୟ ରାଜ୍ୟକୁ ସୁନା ଚାଲାଣ ହେଉଥିବାବେଳେ ମାଧ୍ୟମ ସାଜିଛନ୍ତି ବିମାନ ଯାତ୍ରୀ। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଯାଞ୍ଚବେଳେ ଏହା ଧରାପଡୁଥିଲେ ମଧ୍ୟ ଏହି ବେଆଇନ କାରବାର ବନ୍ଦ ହେବାରେ ନାଁଧରୁନି। ବର୍ଷକରେ ୧୩.୭୭ କେଜି ସୁନା ଜବତ କରାଯାଇଥିବାବେଳେ ଏହାର ଆନୁମାନିକ ମୂଲ୍ୟ ସାଢେ ୪ କୋଟି ଟଙ୍କା ହେବ। ଏହି ଘଟଣାରେ ୭ଜଣଙ୍କୁ ଗିରଫ କରାଯାଇଥିବାବେଳେ ସମ୍ପୃକ୍ତ ବହୁ ଯାତ୍ରୀଙ୍କୁ ପଚରାଉଚରା ପରେ ଛାଡ଼ି ଦିଆଯାଇଛି। ଭୁବନେଶ୍ୱର କଷ୍ଟମ ବିଭାଗ କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଜୋନ୍ କଷ୍ଟମ ଓ ଜିଏସ୍‌ଟି ବିଭାଗ ଚିଫ୍ କମିଶନର ନରେଶ ପେନୁ ମକା ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଫେବୃୟାରୀ ୨୨ରେ ବ୍ୟାଙ୍କକ୍‌ରୁ ଆସିଥିବା ଜଣେ ବିମାନ ଯାତ୍ରୀଙ୍କଠାରୁ ସାଢ଼େ ୯ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସୁନା ଜବତ କରାଯାଇଥିଲା। ପୋଷାକ ବୋତାମରେ ସୁନାକୁ ରିଂ ଆକାରରେ ଲୁଚାଇ ରଖାଯାଇଥିଲା। ମାର୍ଚ୍ଚ ୩ରେ ଜଣେ ମହିଳା ବିମାନ ଯାତ୍ରୀଙ୍କ ଗୁପ୍ତାଙ୍ଗରୁ କଷ୍ଟମ ବିଭାଗ ଅଧିକାରୀମାନେ ୨୩ଲକ୍ଷ ଟଙ୍କାର ୫ ସୁନାଖଣ୍ଡକୁ ଜବତ କରିଥିଲେ। ଏପ୍ରିଲ ୩ରେ ବ୍ୟାଙ୍କକ୍‌ରୁ ଆସିଥିବା ଜଣେ ବିମାନ ଯାତ୍ରୀଙ୍କଠାରୁ ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚୋରା ସୁନା (୨୭୮ ଗ୍ରାମ) ଜବତ ହୋଇଥିଲା। ଯାତ୍ରୀ ଜଣକ ଶାର୍ଟ ବାତାମରେ ତାହାକୁ ଲୁଚାଇ ଆଣିଥିଲେ। ସେହିଭଳି ବୁଧବାର ବ୍ୟାଙ୍କକ୍‌ରୁ ଏକ ବିମାନରେ ଆସିଥିବା ଦୁଇଜଣ ଯାତ୍ରୀଙ୍କଠାରୁ କଷ୍ଟମ ବିଭାଗ ଅଧିକାରୀମାନେ ୨୭୮.୮୩ ଗ୍ରାମର ସୁନା ଜବତ କରିଥିଲେ। ଏହାର ବଜାର ମୂଲ୍ୟ ୯ଲକ୍ଷ ଟଙ୍କାରୁ ଅଧିକ ହେବ।

ପ୍ରଥମେ ପୁରୁଷଯାତ୍ରୀମାନେ ସୁନା ଚାଲାଣ କରୁଥିଲେ। ସେମାନେ ବାରମ୍ବାର ଧରାପଡିବାରୁ ପୁରୁଷଙ୍କ ସହ ମହିଳାଙ୍କୁ ମଧ୍ୟ ନିୟୋଜିତ କରାଯାଉଛି। ପଗଡ଼ି, ବ୍ୟାଗ୍, ଗ୍ରାଇଣ୍ଡର, ଟର୍ଚ୍ଚ, ମଳଦ୍ୱାର, ଶାର୍ଟ ବୋତାମରେ ଅତି ଚତୁରତାର ସହ ସୁନା ଚାଲାଣ କରିଥାନ୍ତି। ସବୁଠୁ ବଡ଼ କଥା ହେଲା ଯେଉଁ ଯାତ୍ରୀମାନେ ସୁନା ଚାଲାଣ କରୁଛନ୍ତି ସେମାନଙ୍କୁ ଜାଣିବା ଏକ ପ୍ରକାର କଷ୍ଟସାଧ୍ୟ। କାରଣ ସେମାନଙ୍କ ବେଶଭୂଷା ଓ ଚାଲିଚଳଣି ଧନୀ ଶ୍ରେଣୀର ଲୋକଙ୍କ ପରି ଲାଗିଥାନ୍ତି। ଯେଉଁମାନଙ୍କ ଉପରେ ସନ୍ଦେହ ହୋଇଥାଏ ସେମାନଙ୍କୁ ଯାଞ୍ଚ କରିଥାନ୍ତି। ଅନ୍ୟମାନ ଖସି ଯାଉଥିବା ଅନୁମାନ କରାଯାଉଛି। ତେଣୁ ବ୍ୟାଙ୍କକ୍ ଓ ବିଦେଶର ଅନ୍ୟ ସହରରୁ ଆସୁଥିବା ଯାତ୍ରୀଙ୍କ ଉପରେ କଡ଼ା ନଜର ରଖିଛି କଷ୍ଟମ ବିଭାଗ। ସୁନା ଦର କମ୍ ରହିଥିବା ଦେଶରୁ ମାଫିଆମାନେ ବିଶେଷକରି ଭାରତକୁ ସୁନା ପଠାଉଛନ୍ତି। ତେବେ ରହିଥିବା ଆଇନ ଅନୁସାରେ ଧରାପଡୁଥିବା ସୁନା ଚାଲାଣକାରୀମାନଙ୍କୁ ଅଧିକାଂଶ ଘଟଣାରେ ଛାଡ଼ି ଦିଆଯାଉଥିବାରୁ ଏହି କାରବାର ଜାରି ରହିଥିବା କୁହାଯାଉଛି।

■ ରେଭେନ୍‌ଶାରେ ଛାତ୍ରୀଙ୍କୁ ର୍ୟାଗିଂ ଘଟଣା

# ଆଣ୍ଟି ର୍ୟାଗିଂ ସେଲ୍ ନିକଟରେ ହାଜର ହେଲେ ଦୁଇ ପକ୍ଷ

## ଆଜି କୁଳପତି, ୟୁଜିସିକୁ ରିପୋର୍ଟ ଦିଆଯିବ

କଟକ ଅଫିସ, ୪।୪

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କାଠଯୋଡ଼ି ହଷ୍ଟେଲ ଛାତ୍ରୀ ର୍ୟାଗିଂ ଘଟଣାକୁ ନେଇ ଗୁରୁବାର ବିଶ୍ୱବିଦ୍ୟାଳୟର ଆଣ୍ଟି ର୍ୟାଗିଂ ସେଲ୍‌ର ବୈଠକ ବସି ଥିଲା। ସେଲ୍‌ର ମୁଖ୍ୟ ଡ. ରୀତା ପାଇକରାୟଙ୍କ ନେତୃତ୍ୱରେ ହୋଇଥିବା ଏହି ବୈଠକରେ ଅଭିଯୋଗ କରିଥିବା ଓ ଅଭିଯୁକ୍ତ ଛାତ୍ରୀ ଦ୍ୱୟ ଉପସ୍ଥିତ ରହି ମତ ରଖିଥିଲେ। ଦୀର୍ଘ ସମୟ ଧରି ପଚରାଉଚରା କରାଯିବା ସହ ସାକ୍ଷୀମାନଙ୍କ ମତାମତ ଗ୍ରହଣ କରାଯାଇଥିଲା। ଶୁକ୍ରବାର ତଦନ୍ତ ରିପୋର୍ଟ ପ୍ରଥମେ କୁଳପତିଙ୍କୁ ଦିଆଯିବା ପରେ ୟୁଜିସିକୁ ପଠାଯିବ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଘୋଷଣା କରାଯିବ ବୋଲି ଡ. ପାଇକରାୟ ସୂଚନା ଦେଇଛନ୍ତି। ବୈଠକରେ କୁଳସଚିବ ଅଶୋକ ଦାସଙ୍କ ସମେତ ବିଶ୍ୱବିଦ୍ୟାଳୟର ଅନେକ ବରିଷ୍ଠ ଅଧିକାରୀ, ମାଲଗୋଦାମ ଥାନା ଅଧିକାରୀ ଉପସ୍ଥିତ ଥିଲେ।

ସୂଚନାଥାଉ କି, ଗତ ଶନିବାର ସନ୍ଧ୍ୟାରେ କାଠଯୋଡ଼ି ହଷ୍ଟେଲରେ ରହୁଥିବା ବାଣିଜ୍ୟ ବିଭାଗର ଜଣେ ଏମ୍‌ଫିଲ ଛାତ୍ରୀ ଉଦ୍ଭିଦ ବିଜ୍ଞାନର ସ୍ନାତକ ତୃତୀୟ ବର୍ଷର ଛାତ୍ରୀଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଜୁନିୟରମାନଙ୍କୁ ଗାଳି କରୁଥିବା ଏମ୍‌ଫିଲ ଛାତ୍ରୀଙ୍କୁ ରୋକିବା ବେଳେ ସେ ର୍ୟାଗିଂର ଶିକାର ହୋଇଥିଲେ ବୋଲି ର୍ୟାଗିଂର ଶିକାର ହୋଇଥିବା ଛାତ୍ରୀ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ(ୟୁଜିସି) ନିକଟରେ ଅଭିଯୋଗ କରିଥିଲେ। ର୍ୟାଗିଂ କରିଥିବା ଛାତ୍ରୀ ଜଣଙ୍କ କୁଳପତିଙ୍କ ସମ୍ପର୍କୀୟ ହୋଇଥିବାରୁ ଘଟଣାକୁ ଚାପି ଦେବାକୁ ଉଦ୍ୟମ ହେଉଥିବା ଛାତ୍ରୀମାନେ ଅଭିଯୋଗ କରିବା ସହ ମଙ୍ଗଳବାର କୁଳସଚିବଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଅପରାହ୍ନରେ କୁଳସଚିବଙ୍କ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ପରେ କୁଳସଚିବ ଉକ୍ତ ଛାତ୍ରୀଙ୍କ ଅଭିଭାବକଙ୍କୁ ଫୋନ କରିବା ସହ ବୁଧବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ବିଶ୍ୱବିଦ୍ୟାଳୟରେ ପହଞ୍ଚିବାକୁ କହିଥିଲେ। ହେଲେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ବୁଧବାର ଉକ୍ତ ଛାତ୍ରୀ କିମ୍ବା ତାଙ୍କର ଅଭିଭାବକ ବିଶ୍ୱବିଦ୍ୟାଳୟ ଆସି ନ ଥିଲେ।












1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମଣିଷର ପ୍ରକୃତି ଯାହା ଉପର ଦେଇ ଚଢ଼ିବ ତାକୁ ହିଁ ପ୍ରଥମେ ଭୁଲିଯିବ। ଛାତକୁ ଚଢ଼ି ସାରିଲାପରେ ଶିଡ଼ି କଥା ମନେଥାଏ କି?
-ମାର୍କ ଟ୍ୱାଇନ୍



## ସଂକ୍ଷେପରେ

### ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ କାର୍ଯ୍ୟ ତଦାରଖ

**ବାଙ୍କୀ,୪।୪(ସ୍ୱ.ପ୍ର.):** ବାଙ୍କୀ ନିର୍ବାଚନ ପର୍ଯ୍ୟବେକ୍ଷକ ଏ.ବି.କାଲେରିଆ ଗୁରୁବାର ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଁଞ୍ଚି ନିର୍ବାଚନ କାର୍ଯ୍ୟ ତଦାରଖ କରିବା ସହ ସମୀକ୍ଷା କରିଛନ୍ତି। ନିର୍ବାଚନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଛନ୍ତି। ଇଭିଏମ୍ ଓ ଭିଭିପିଏଟି ବକ୍ସର ନିରାପତ୍ତା ଓ ବ୍ୟବହାର, ଭୋଟ ଗ୍ରହଣ ଏବଂ ଗଣନା ପାଇଁ ହୋଇଥିବା ବ୍ୟବସ୍ଥା ସମ୍ପର୍କରେ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଅରୁଣ କୁମାର ବିଶ୍ୱାଳଙ୍କଠାରୁ ପଚାରିବୁଝିଛନ୍ତି। ନିର୍ବାଚନ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରିବାକୁ କାଲେରିଆ ନିର୍ବାଚନ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

### ଆଦିବାସୀ ଗ୍ରାମରେ ମତଦାନ ସଚେତନତା କାର୍ଯ୍ୟକ୍ରମ

**ବାଙ୍କୀ,୪।୪(ସ୍ୱ.ପ୍ର.):** ବାଙ୍କୀ ଡମପଡ଼ା ବ୍ଲକର ଡମପଡା ପଞ୍ଚାୟତ ଅନ୍ତର୍ଗତ ବାଘୁଆ ଶବର ସାହିରେ ମତଦାନ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଗୌତମ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଦିବାସୀମାନଙ୍କୁ ମତଦାନ ଅଧିକାର ସମ୍ପର୍କରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଭାକାର ନାୟକ , ଗଗନ ବିହାରୀ ନାୟକ, ପବନା ସ୍ୱାଇଁ, ଅଗାଡୁ ବେହେରା, କାର୍ତ୍ତିକ ସ୍ୱାଇଁ , ହୃଷିକେଶ ଦେଉରୀ, ଗନ୍ଧର୍ବ ସ୍ୱାଇଁ ଓ ଉତ୍ତରା ନାଏକ ପ୍ରମୁଖ ଯୋଗଦେଇ ମତଦାନ କରିବାକୁ ଶପଥ କରାଇଥିଲେ।

### ସାର ଚୋରି : ୩ ଗିରଫ

**କଟକ ସଦର, ୪।୪(ଡି.ଏନ୍.ଏ.):** ସାର ଚୋରି ଅଭିଯୋଗରେ କନ୍ଦରପୁର ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ସଦର ଥାନା ଅଧୀନ ବାଲିକୁଦା(ଗୋପାଳପୁର)ଅଞ୍ଚଳର ଅକ୍ଷୟ ରାଉତ, ଅସିତ୍ ବେହେରା ଓ କନ୍ଦରପୁର ଥାନା ଅଧୀନ ହାଟସାହି ଗ୍ରାମର ଦୀପକ ଭୋଇ। ଏ ନେଇ ଥାନାରେ ଏକ ମାମଲା(ନଂ.୩୭/୧୯) ରୁଜୁ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ମତ୍ତଗଜପୁର ଷ୍ଟେଶନରେ ସିଗ୍ନାଲ ଅପେକ୍ଷାରେ ଛିଡା ହୋଇଥିବା ଟ୍ରେନ୍ ୱାଗନକୁ କାଟି ୧୨ ବସ୍ତା ସାର ଚୋରି କରିଥିଲେ। ବାଟରେ ସେମାନେ ପିସିଆର କର୍ମଚାରୀଙ୍କ ହାବୁଡରେ ପଡିଯାଇଥିଲେ।

■ ସାଲେପୁର କଂଗ୍ରେସର ଅଙ୍କ ଛିଡୁନି

# ଦଳ ଭିତରେ କୁହୁଳୁଛି ଅସନ୍ତୋଷ

**ନିର୍ମଳ ପଣ୍ଡା**
**କଟକ ଅଫିସ, ୪।୪**

୨୦୧୪ ସାଧାରଣ ନିର୍ବାଚନରେ କଟକ ଜିଲାର ଏକମାତ୍ର ବିଧାନସଭା ଆସନ ସାଲେପୁରରେ ହିଁ କଂଗ୍ରେସ ବିଜୟଲାଭ କରିଥିଲା। ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଦଳ ଛାଡ଼ି ଭାଜପାରେ ଯୋଗଦେବା ପରେ ଏବେ ଏହି ଆସନକୁ ନେଇ କଂଗ୍ରେସ ଦ୍ୱନ୍ଦ୍ୱରେ ପଡ଼ିଛି। ଆସନ୍ତା ୨୯ ତାରିଖରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ସାଲେପୁର ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ୯ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ଦିବସ ରହିଛି। ହେଲେ ଅଦ୍ୟାବଧି ସାଲେପୁର ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରିପାରୁ ନାହିଁ କଂଗ୍ରେସ। ଟିକେଟ ହାତେଇବା ପାଇଁ ଆଶାୟୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଥିବାବେଳେ ଦଳୀୟ ହାଇକମାଣ୍ଡ କାହା ନାମରେ ମୋହର ମାରିବେ ସେ ନେଇ ଅକଳରେ ପଡ଼ିଛନ୍ତି। ପ୍ରକାଶ ଭାଜପାରେ ଯୋଗଦେବା ପରେ ଦଳୀୟ ନେତା ରବୀନ୍ଦ୍ର ନାଥ କର, ଦଳର ଜିଲା ସଭାପତି ଗୁରୁପଦ ନନ୍ଦ, ପିସିସି ସାଧାରଣ ସମ୍ପାଦକ ବିଶ୍ୱଜିତ ଦାସ ପ୍ରମୁଖ ସାଲେପୁର ପାଇଁ ଜୋର୍‌ଦାର ଲବି ଆରମ୍ଭ କରିଥିଲେ। ମାତ୍ର ନିକଟରେ ବିଜେଡି ଯୁବ ନେତା ବିଶ୍ୱରଞ୍ଜନ ଖଟାଇ କଂଗ୍ରେସରେ ଯୋଗଦେବା ପରେ ଅଙ୍କ ଅଧିକ ଗୋଳମାଳିଆ ଧରିଛି। ବିଶ୍ୱରଞ୍ଜନ ସାଲେପୁର ଆସନରୁ ବିଜେଡି ଟିକେଟ ପାଇଁ ଲବି କରୁଥିଲେ। ମାତ୍ର ବିଜେଡି ପକ୍ଷରୁ ପ୍ରଶାନ୍ତ ବେହେରାଙ୍କ ନାମ ଘୋଷଣା ପରେ ସେ କଂଗ୍ରେସରେ ଯୋଗ ଦେଇଥିଲେ। ତେବେ ପ୍ରାର୍ଥିତ୍ୱ ନେଇ ବିଶ୍ୱରଞ୍ଜନଙ୍କ ନାମ ଚର୍ଚ୍ଚାକୁ ଆସିବା ପରେ ସାଲେପୁର କଂଗ୍ରେସରେ ଅସନ୍ତୋଷ ବଢିବାରେ ଲାଗିଛି। କେତେଜଣ ଟିକେଟ ଆଶାୟୀ ଖୋଲାଖୋଲି ଭାବେ ଗଣମାଧ୍ୟମ ଆଗରେ ମତ ଦେବାକୁ ଅରାଜି ହୋଇଥିଲେ ମଧ୍ୟ ଟିକେଟ ଘୋଷଣା ପରେ ସେମାନେ ସିଧାସଳଖ ବିସ୍ଫୋରଣ କରିବେ ବୋଲି କହିଛନ୍ତି। ଦଳରେ ଯେଉଁମାନେ ଦୀର୍ଘଦିନ ଧରି କାମ କରିଛନ୍ତି ଏବେ ସେମାନଙ୍କୁ ଅଣଦେଖା କରାଯାଉଛି। ଆମଦାନୀ ନେତାଙ୍କ ଉପରେ ଉପରିସ୍ଥ ନେତାମାନେ ଭରସା କରିବା ଦ୍ୱାରା କଂଗ୍ରେସ ପତନର ବାଟ ପରିଷ୍କାର ହେଉଥିବା ଜଣେ ଟିକେଟ ଆଶାୟୀ କହିଛନ୍ତି।

କଟକ ଜିଲାରେ କଂଗ୍ରେସର ପ୍ରାର୍ଥୀ ଚୟନକୁ ନେଇ ପୂର୍ବରୁ ଦଳର ନେତା ତଥା ପିସିସି ଅନୁସୂଚିତ ଜାତି ସେଲ୍ ସହ ଅଧ୍ୟକ୍ଷ ବାଙ୍କନିଧି ବେହେରା ସିଧାସଳଖ ଦଳ ବିରୋଧରେ ବିଷୋଦ୍‌ଗାର କରିଥିଲେ। ଦଳର କେତେଜଣ ଉପରିସ୍ଥ ନେତା ବିଜେଡି ସହିତ ଭିତିରି ବୁଝାମଣା କରି କଂଗ୍ରେସକୁ ରାଜ୍ୟରେ ଆତ୍ମହତ୍ୟା କରିବା ପାଇଁ ବାଧ୍ୟ କରିଥିବା ବେହେରା କହିଥିଲେ। ଏବେ ସାଲେପୁର ଟିକେଟକୁ ନେଇ କଂଗ୍ରେସରେ କନ୍ଦଳ ଜୋର୍‌ଦାର କୁହୁଳିବାରେ ଲାଗିଛି। ଏ ସମ୍ପର୍କରେ ଦଳର ଜିଲା ସଭାପତି ଗୁରୁପଦ ନନ୍ଦ କୁହନ୍ତି, ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇ ଦିଲ୍ଲୀ ପଠାଯାଇଛି। ଦିନେ ଦୁଇଦିନ ମଧ୍ୟରେ ନାମ ଘୋଷଣା କରାଯିବ। ତେବେ ବିଜୟ ସମ୍ଭାବନା ଓ ସାଂଗଠନିକ ଦକ୍ଷତା ଉପରେ ଦଳ ଗୁରୁତ୍ୱ ଦେଉଥିବା ସେ କହିଛନ୍ତି।

ସୂଚନାଥାଉ କି, କଟକ ଜିଲାର ମୋଟ ୯ ଆସନ ମଧ୍ୟରୁ କଂଗ୍ରେସ ଇତିମଧ୍ୟରେ ୮ ଆସନରେ ପ୍ରାର୍ଥୀ ଘୋଷଣା କରିସାରିଛି। ମାହାଙ୍ଗାରୁ ଦେବେନ୍ଦ୍ର ସାହୁ, କଟକ ସଦରରୁ ଅଭିଷେକ ମହାନନ୍ଦ, ଆଠଗଡ଼ରୁ ଉମାବଲ୍ଲଭ ରଥ, ବଡ଼ମ୍ବାରେ ବବି ମହାନ୍ତି, ବାଙ୍କୀରେ ଦେବାଶିଷ ପଟ୍ଟନାୟକ, ନିଆଳିରେ ମମତା ଭୋଇ, ଚୌଦ୍ୱାର-କଟକରେ ଜଗଦୀଶ ମହାନ୍ତି ଓ ବାରବାଟୀ-କଟକରେ ମହମ୍ମଦ ମୋକିମଙ୍କୁ ଦଳ ପ୍ରାର୍ଥୀ କରିଛି। ତେବେ କଟକ ସଦର ଆସନ ପାଇଁ ଦଳ ପକ୍ଷରୁ ପ୍ରଥମେ ରତ୍ନାକର ବେହେରାଙ୍କ ନାମ ଘୋଷଣା କରାଯାଇଥିଲା। ହେଲେ ରତ୍ନାକରଙ୍କ ଶାରୀରିକ ଅସୁସ୍ଥତା ଯୋଗୁ କଂଗ୍ରେସ ଏହି ଆସନରେ ପ୍ରାର୍ଥୀ ପରିବର୍ତ୍ତନ କରି ଅଭିଷେକ ମହାନନ୍ଦଙ୍କୁ ପ୍ରାର୍ଥୀ କରିଛି। ମାତ୍ର ଏଭଳି ସ୍ଥିତିରେ ୨୦୧୪ରେ ଦଳ ବିଜୟଲାଭ କରିଥିବା ଏକମାତ୍ର ଆସନ ନିମନ୍ତେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା ନ ହେବା କଂଗ୍ରେସ କର୍ମୀମାନଙ୍କୁ ମଧ୍ୟ ବ୍ୟଥିତ କରିଛି। କେତେଜଣ କର୍ମୀ ଇତିମଧ୍ୟରେ ସାମାଜିକ ଗଣମାଧ୍ୟମରେ ଦଳର କାର୍ଯ୍ୟଧାରାକୁ ସମାଲୋଚନା କରୁଥିବା ଦେଖିବାକୁ ମିଳିଛି।

# ଜଙ୍ଗଲରେ ନିଆଁ ଲଗାଇବାକୁ ଉଦ୍ୟମ: ଅଭିଯୁକ୍ତ ଗିରଫ

**ଆଠଗଡ଼(ସ୍ୱ.ପ୍ର.)/ତିଗିରିଆ (ଡି.ଏନ୍.ଏ.)୪।୪**

ଆଠଗଡ ବନାଞ୍ଚଳ ଅଧୀନ ଜେନାପଦା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଗୁରୁବାର ଅପରାହ୍ନରେ ଜଣେ ବ୍ୟକ୍ତି ନିଆଁ ଲଗାଇବାକୁ ଉଦ୍ୟମ କରୁଥିଲେ । ନିଆଁ ଅଳ୍ପ ଲାଗିଥିବା ବେଳେ ଖବରପାଇ ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଏହାକୁ ଆୟତ୍ତ କରିଥିଲେ। ଏହି ଅଭିଯୋଗରେ ବନ ବିଭାଗ ପକ୍ଷରୁ ଅଭିଯୁକ୍ତ ତିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁର ପ୍ରଫୁଲ୍ଲ ପ୍ରଧାନଙ୍କ ପୁଅ ଛବିଙ୍କୁ ଧରି ବନଖଣ୍ଡ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ପଚାରଉଚୁରା ସମୟରେ କୋଇଲା ସଂଗ୍ରହ ନିମନ୍ତେ ଜଙ୍ଗଲରେ ନିଆଁ ଲଗାଇଥିବା ଅଭିଯୁକ୍ତ ସ୍ୱୀକାର କରିଥିଲେ। ତାଙ୍କ ଠାରୁ ଦିଆସିଲ, ପୁରୁଣା ଛିଡ଼ା ଖବର କାଗଜ ଓ କିଛି ଗଞ୍ଜେଇ ଜବତ କରାଯାଇଛି।ଏହାପରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।



ଗିରଫ ଛବି।

# ମାଲ୍‌ବୋଝେଇ ଟ୍ରକ୍‌ରେ ନିଆଁ

**ସାଲେପୁର,୪।୪ (ଡ଼ି.ଏନ୍.ଏ)**

ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଶିଶୁଆ ବଜାରରେ ଗୁରୁବାର ସକାଳେ ଏକ ମାଲ୍‌ବୋଝେଇ ଟ୍ରକ୍‌ରେ ନିଆଁ ଲାଗିଯାଇଛି । ଟ୍ରକ୍‌ଟି କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ବେଳେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଚାଳକ ଟ୍ରକରୁ ଓହ୍ଲାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଖବରପାଇ ସାଲେପୁର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଏହାକୁ ଆୟତ୍ତ କରିଥିଲେ। ଟ୍ରକ୍‌ଟି ଜଗତ୍‌ପୁର ଅଞ୍ଚଳର ବୋଲି ଜଣାପଡ଼ିଛି।

# ଲୁଟ୍ ଘଟଣାରେ ୫ ଗିରଫ

## ୧ଲକ୍ଷ ୧୬ ହଜାର ୭୬୦ଟଙ୍କା, ୩ ମୋବାଇଲ, ବାଇକ୍ ଜବତ

**ଖୁଣ୍ଟୁଣୀ,୪।୪(ଡି.ଏନ୍.ଏ.):**

କଟକର ଏକ ଘରୋଇ ମାଲ ପରିବହନ ସଂସ୍ଥାର ମ୍ୟାନେଜରଙ୍କୁ ମାଡ଼ ମାରି ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ ଗୁରୁଡିଝାଟିଆ ପୋଲିସ ଗୁରୁବାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୁରୁଡିଝାଟିଆ ଥାନା ଲିଙ୍ଗାପଦାର ସୁଶାନ୍ତ ସାହୁ(ସୁଶିଆ), ଚୌଦ୍ୱାର ଥାନା ବିଦ୍ୟାଧରପୁର ଗ୍ରାମର ଅଭିନ୍ନ ମୁଦୁଲି ଓ ଜଗା ରାଉତ, ଦୌଲତାବାଦର ମଙ୍ଗଳ ସାହୁ ଓ ଘନଶ୍ୟାମ ଦାସ। ଏମାନଙ୍କ ନିକଟରୁ ୧ଲକ୍ଷ ୧୬ହଜାର ୭୬୦ଟଙ୍କା, ୩ଟି ମୋବାଇଲ ଫୋନ, ୨ଟି ସିମ୍ କାର୍ଡ ସହ ଏକ ବାଇକ୍ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, କଟକର ଏକ ଘରୋଇ ମାଲ ପରିବହନ ସଂସ୍ଥା କେ.କେ. ରୋଡଲାଇନସ ମ୍ୟାନେଜର ଜିତେନ୍ଦ୍ର ବିଜୟ ୱାରଗିଆ ଗତ ୨ତାରିଖ ରାତି ପ୍ରାୟ ୭ଟାରେ ଗୁରୁଡିଝାଟିଆ ଥାନା ହରଦେବ ଷ୍ଟିଲ ପ୍ଲାଣ୍ଟରୁ ୨ଲକ୍ଷ ୫୮ହଜାର ଟଙ୍କା ନେଇ ବାଇକ୍‌ରେ କଟକ ଫେରୁଥିଲେ। ବିଦ୍ୟାଧରପୁର-ମଞ୍ଚେଶ୍ୱର ରାସ୍ତା ମଝିରେ ଏକ ବାଇକ୍(ଓଡି୦୫ ଏଏଫ ୯୬୨୩)ରେ ଅଭିନ୍ନ, ସୁଶାନ୍ତ ଓ ଜଗା ଆସି ହଠାତ୍ ଜିତେନ୍ଦ୍ରଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଫଳରେ ଜିତେନ୍ଦ୍ର ତଳେ ପଡିଯିବାରୁ ଅଭିଯୁକ୍ତମାନେ ଏକ ବାଡିରେ ପିଟି ତାଙ୍କ ହାତ ଆଙ୍ଗୁଠିକୁ ଫଟାଇ ଦେବା ସହ ବ୍ୟାଗରେ ଥିବା ଟଙ୍କାକୁ ନେଇ ଫେରାର ହୋଇଯାଇଥିଲେ। ଏନେଇ ୩ତାରିଖ ସକାଳେ ସଂସ୍ଥା ମାଲିକ କୋଶାଲ କୁମାର ଅଗ୍ରୱାଲ ଥାନାରେ ଅଭିଯୋଗ କରିବା ସହ ତାଙ୍କ ସଂସ୍ଥାର ୨ଜଣ କର୍ମଚାରୀ ମଙ୍ଗଳ ଓ ଘନଶ୍ୟାମଙ୍କ ଏଥିରେ ସମ୍ପୃକ୍ତି ଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୩୨/୧୯)ରୁଜୁ କରି ମଙ୍ଗଳ ଓ ଘନଶ୍ୟାମଙ୍କୁ ଗିରଫ କରିଥିଲା। ପୋଲିସ ପଚରାଉଚରା ବେଳେ ସେମାନେ ଅନ୍ୟ ୩ ଅଭିଯୁକ୍ତଙ୍କୁ ଏହି କାମରେ ଲଗାଇଥିବା ମାନିଥିଲେ।



ଗିରଫ ୫ ଅଭିଯୁକ୍ତ।

## ବିଭିନ୍ନ ଦଳର ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି



ବ୍ରଜେନ୍ଦ୍ର ରାୟ



ଖଗେଶ୍ୱର ମହାପାତ୍ର



କିଶୋର କୁମାର ଜେନା



ଶୁଭ୍ରାଂଶୁ ମୋହନ ପାଢ଼ୀ



ପଦ୍ମଜା ଦେବତା



ଅଭୟ ବାରିକ



ସୁବାସ କୁମାର ସାହୁ



ପ୍ରଶାନ୍ତ ବେହେରା



ସାରଦା ପ୍ରଧାନ



ଅଭିଷେକ ମହାନନ୍ଦ

■ ଶୋଭାଯାତ୍ରାରେ ଗାଡ଼ି ଭାଙ୍ଗିଲେ ଭାଜପା କର୍ମୀ

# ପ୍ରତିବାଦରେ ବିଜେଡିର ରାସ୍ତାରୋକୋ

**ନିଶ୍ଚିନ୍ତକୋଇଲି/ମାହାଙ୍ଗା ୪।୪ (ସ୍ୱ.ପ୍ର.)**



ଭାଜପା କର୍ମୀଙ୍କ ଆକ୍ରମଣ ପ୍ରତିବାଦରେ ବିଜେଡି କର୍ମୀମାନେ ରାସ୍ତାରୋକୋ କରିଛନ୍ତି।

- ■ଟାଟା ମ୍ୟାଜିକ, ବାଇକ୍ ଭଙ୍ଗାରୁଜା
- ■ଆଇନଶୃଙ୍ଖଳା ପରିସ୍ଥିତି, ଥାନାରେ ଅଭିଯୋଗ
- ■କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାଜପା ଓ ବିଜେଡି ପ୍ରାର୍ଥୀ ଗୁରୁବାର ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ଏଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରାର୍ଥିପତ୍ର ଦାଖଲ ଅବସରରେ ଅପରାହ୍ନରେ ଭାଜପା ପକ୍ଷରୁ ଏକ ଶୋଭାଯାତ୍ରା ହୋଇଥିଲା। ଏହି ସମୟରେ ଭାଜପା କର୍ମୀମାନେ କଟକ-ଚାନ୍ଦବାଲି ରାସ୍ତାର କଟରପଡା ନିକଟରେ ଏକ ଟାଟା ମ୍ୟାଜିକ ଗାଡ଼ିର କାଚ ଭାଙ୍ଗି ଦେବା ସହ ସେଥିରେ ଥିବା ଲୋକଙ୍କୁ ମାଡ଼ ମାରିଥିବା ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ମାମଲା (ନଂ-୩୮/୧୯) ରୁଜୁ ହୋଇଛି। ଭାଜପା କର୍ମୀଙ୍କ ଏଭଳି କାର୍ଯ୍ୟକୁ ବିରୋଧ କରି ବିଜେଡି କର୍ମୀମାନେ ଘଟଣାସ୍ଥଳରେ ରାସ୍ତାରୋକୋ କରିଥିଲେ। ପ୍ରାର୍ଥିପତ୍ର ଦାଖଲର ମାତ୍ର ଅଳ୍ପ କିଛି ଘଣ୍ଟା ମଧ୍ୟରେ ୨ ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିବାରୁ ମାହାଙ୍ଗାରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନରେ ମାହାଙ୍ଗା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଶାରଦା ପ୍ରଧାନ ନିଜ ସମର୍ଥକଙ୍କ ସହ ଏଡିଏମ ବିଜୟ କୁମାର ଖଣ୍ଡାରାୟଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପରେ ବିଜେଡି ପ୍ରାର୍ଥୀ ପ୍ରତାପ ଜେନା ଶୋଭାଯାତ୍ରାରେ ଯାଇ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଭାଜପାରୁ ପ୍ରଧାନ ପ୍ରାର୍ଥିପତ୍ର ଦାଖଲ ପରେ ଅପରାହ୍ନରେ ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ପଞ୍ଚାୟତ ଅନ୍ତର୍ଗତ କୁଳିଆଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ନିଶ୍ଚିନ୍ତକୋଇଲି କଲେଜଛକ ଅତିକ୍ରମ କରି କଟରପଡା ନିକଟରେ ପହଞ୍ଚିଥିଲା। ଏହି ସମୟରେ କଟପଡା ନିକଟରେ ଥିବା ଏକ ଟାଟା ମ୍ୟାଜିକ ଗାଡି ପାଖକୁ ଆସି ଭାଜପା କର୍ମୀମାନେ ପଚରାଉଚୁରା କରିବା ସହ ଗାଡିରେ ଥିବା ଲୋକଙ୍କୁ ବିଜେଡି କର୍ମୀ ବୋଲି କହି ଆକ୍ରମଣ କରିଥିଲେ। ଗାଡି ଚାଳକ ଏଥିରେ ପ୍ରତିବାଦ କରିବାରୁ ସେମାନେ ଗାଡିର କାଚ ଭାଙ୍ଗି ଦେଇଥିଲେ। ଗାଡିରେ ବସିଥିବା କଟରପଡା ପଞ୍ଚାୟତର କୈଳାସ ପାତ୍ରଙ୍କ ପାଖରୁ ଟଙ୍କା ଓ ମୋବଇଲ ଛଡାଇ ନେଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ କୈଳାସଙ୍କ ସମେତ ମାଗୁଣି ବେହେରା, ମଥୁରୀ ବେହେରା, ଅକ୍ଷୟ ଜେନା, ପ୍ରଶାନ୍ତ ପାତ୍ର, କୈଳାସ ପାତ୍ର, କିଶୁ ଚରଣ ସାହୁ ଓ ଅକ୍ଷୟ ପାତ୍ର ଆହତ ହୋଇଛନ୍ତି। ଏନେଇ କୈଳାସ ଥାନାରେ ଅଭିଯୋଗ କରିଥିଲେ। ଆକ୍ରମଣକୁ ବିରୋଧ କରି ବିଜେଡି ପକ୍ଷରୁ କଟକ -ଚାନ୍ଦବାଲି ରାସ୍ତାର କଟରପଡା ନିକଟରେ ରାସ୍ତାରୋକୋ ହୋଇଥିଲା। ଖବରପାଇ ସାଲେପୁର ଏସଡିପିଓ ସୁରେଶ ଦାସ ଓ ନିଶ୍ଚିନ୍ତକୋଇଲି ଆଇଆଇସି ଶୁଭେନ୍ଦୁ ପରିଡା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସେହିପରି ଶୋଭଯାତ୍ରା ବେଳେ ମାହାଙ୍ଗାରେ ମଧ୍ୟ ଏକ ବାଇକ ଓ ଦୋକାନ ଭାଙ୍ଗି ଦିଆଯାଇଛି। ପ୍ରଧାନଙ୍କ ଶୋଭଯାତ୍ରା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋକନଠାରେ ପହଞ୍ଚି ଥିବାବେଳେ ଏକ ଫର୍ନିଚର ଡିଜାଇନିଂ ଦୋକାନ କାନ୍ଥରେ ବିଜେଡି ବ୍ୟାନର ଦେଖି ଶୋଭଯାତ୍ରାରେ ଯାଉଥିବା କିଛି ବ୍ୟକ୍ତି ଚିରିଦେଇଥିଲେ। ଉପସ୍ଥିତ ଦୋକାନୀ ଓ ତାଙ୍କ ପରିବାର ଲୋକେ ବିରୋଧ କରିବାରୁ ସେମାନେ ଉତ୍‌କ୍ଷିପ୍ତ ହୋଇ ଦୋକନରେ ଥିବା ବିଭିନ୍ନ ସାମଗ୍ରୀ ବାହାରକୁ ଫିଙ୍ଗି ଦେବା ସହ ଏକ ବାଇକକୁ ଭଙ୍ଗାରୁଜା କରିଥିଲେ। ଏନେଇ ରିପୋର୍ଟ ଲେଖା ହେବା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲାବେଳେ ଖବର ପାଇ ମାହାଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ଭାଜପା ପ୍ରାର୍ଥୀ ପ୍ରଧାନ କୁହନ୍ତି ଭାଜପା ଏକ ଶୃଙ୍ଖଳିତ ଦଳ। ଏହି ଦଳ ପକ୍ଷରୁ ଶୃଙ୍ଖଳିତ ଭାବେ ଶୋଭାଯାତ୍ରା କରାଯାଇଛି। ଶୋଭାଯାତ୍ରାରେ ଯୋଗ ଦେଇଥିବା କର୍ମୀମାନେ ଗଣ୍ଡଗୋଳରେ ସମ୍ପୃକ୍ତ ନାହାନ୍ତି। ଅପରପକ୍ଷରେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି ଏହି ଆକ୍ରମଣକୁ ନିନ୍ଦା କରିବା ସହ ଘଟଣାର ପୁନରାବୃତ୍ତି ହେଲେ ମାହାଙ୍ଗାର ସଚେତନ ନାଗରିକମାନେ ଏହାର ଉଚିତ ଜବାବ ଦେବେ ବୋଲି କହିଛନ୍ତି।

# ୩୬ ଜଣ ଦାଖଲ କଲେ ନାମାଙ୍କନ ପତ୍ର

**କଟକ ଅଫିସ/ବାଙ୍କୀ/ଆଠଗଡ଼/ନରସିଂହପୁର ୪।୪ (ସ୍ୱ.ପ୍ର./ଡି.ଏନ୍.ଏ.)**

**ଶୋଭାଯାତ୍ରା, ସ୍ଲୋଗାନରେ କମ୍ପିଲା କଟକ**

ଗୁରୁବାର ଶୋଭାଯାତ୍ରା ଓ ସ୍ଲୋଗାନରେ କମ୍ପି ଉଠିଥିଲା କଟକ। ୩୬ ଜଣ ପ୍ରାର୍ଥୀ ସେମାନଙ୍କ ଦଳୀୟ ସମର୍ଥକଙ୍କ ଗହଣରେ ଆସି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନାମାଙ୍କପତ୍ର ଦାଖଲ କରିଥିବା ପ୍ରାର୍ଥୀମାନେ ହେଲେ କଟକ ଲୋକ ସଭା ନିର୍ବାଚନ ମଣ୍ଡଳୀ ପାଇଁ କଳିଙ୍ଗ ସେନା ପ୍ରାର୍ଥୀ ବିଶ୍ୱଜିତ ଗୋସ୍ୱାମୀ, ବିଏସ୍‌ପି ପ୍ରାର୍ଥୀ ପ୍ରମୋଦ କୁମାର ମଲ୍ଲିକ, ଭାରତ ପ୍ରଭାତ ପାର୍ଟିରୁ ସୋମିୟା ରଞ୍ଜନ ଦାସ, ସ୍ୱାଧୀନ ପ୍ରାର୍ଥୀ ବୃନ୍ଦାବନ ଦାସ ଆଜାଦ ରହିଛନ୍ତି। ସେହିପରି ବଡମ୍ବା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ କିଶୋର କୁମାର ଜେନା, ପ୍ରିୟ ରଞ୍ଜନ ପ୍ରତାପ ସିଂହ, ନିତ୍ୟାନନ୍ଦ ଖଟୁଆ, ବିଜୁ ଜନତା ଦଳ ପ୍ରାର୍ଥୀ ଦେବୀ ପ୍ରସାଦ ମିଶ୍ର, ବିଏସ୍‌ପି ପ୍ରାର୍ଥୀ ସୁବାସ କୁମାର ସାହୁ, ହିନ୍ଦୁସ୍ଥାନ ନବନିର୍ମାଣ ଦଳ ପ୍ରାର୍ଥୀ କାହ୍ନୁ ଚରଣ ବେହେରା, ଆମ୍ବେଡକର ଜାତୀୟ କଂଗ୍ରେସ ପ୍ରାର୍ଥୀ ଖଗେଶ୍ୱର ମହାପାତ୍ର ରିଟର୍ନିଂ ଅଫିସରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ପଦ୍ମଜା ଦେବତା, ସଂଗ୍ରାମ କେଶରୀ ସାମନ୍ତସିଂହାର, ନଳିନୀ କୁମାର ରାୟ, ରାଷ୍ଟ୍ରୀୟ ଇଣ୍ଡିପେଣ୍ଡେଣ୍ଟ ମୋର୍ଚ୍ଚା ପ୍ରାର୍ଥୀ ଯୋଗୀନାଥ ସାହୁ, ଭାଜପା ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢୀ ରହିଛନ୍ତି। ଆଠଗଡ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଆମ୍ବେଡକର ଜାତୀୟ କଂଗ୍ରେସ ପ୍ରାର୍ଥୀ ମହମ୍ମଦ ମୁସ୍ତାକ ହୁସେନ୍, ସ୍ୱାଧୀନ ପ୍ରାର୍ଥୀ ହୃଦାନନ୍ଦ ମହାପାତ୍ର, ନମିତା ବାରିକ, ଅଭୟ କୁମାର ରାଉତ, ଅଭୟ କୁମାର ବାରିକ, ବିଏସପି ପ୍ରାର୍ଥୀ ସୁବାସ କୁମାର ସାହୁ, ଭାଜପା ପ୍ରାର୍ଥୀ ବ୍ରଜେନ୍ଦ୍ର କୁମାର ରୟ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଳିଙ୍ଗ ସେନା ପ୍ରାର୍ଥୀ ଜୟଶଙ୍କର ଆଚାର୍ଯ୍ୟ, ହିନ୍ଦୁସ୍ଥାନ ନବନିର୍ମାଣ ଦଳ ପ୍ରାର୍ଥୀ ଦୀପକ କୁମାର ମହନ୍ତ, ସ୍ୱାଧୀନ ପ୍ରାର୍ଥୀ ଶ୍ରୀରାମ ପାଣ୍ଡେ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ହିନ୍ଦୁସ୍ଥାନ ନବନିର୍ମାଣ ଦଳ ପ୍ରାର୍ଥୀ ବିଶ୍ୱରଞ୍ଜନ ଜେଠୀ, ବିଏସପି ପ୍ରାର୍ଥୀ ନବକିଶୋର ଦାସ, କଂଗ୍ରେସ ପ୍ରାର୍ଥୀ ଜଗଦୀଶ ଚନ୍ଦ୍ର ମହାନ୍ତି, ସ୍ୱାଧୀନ ପ୍ରାର୍ଥୀ ଶ୍ରୀରାମ ପାଣ୍ଡେ, ଦୀପକ କୁମାର ବାରିକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ସାଲେପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଜନତା ଦଳ ପ୍ରାର୍ଥୀ ପ୍ରଶାନ୍ତ ବେହେରା, ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଜନତା ଦଳ ପ୍ରାର୍ଥୀ ପ୍ରତାପ ଜେନା, ଭାଜପା ପ୍ରାର୍ଥୀ ସାରଦା ପ୍ରସାଦ ପ୍ରଧାନ, କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ଅଭିଷେକ ମହାନନ୍ଦ, ସ୍ୱାଧୀନ ପ୍ରାର୍ଥୀ ରାକେଶ ବେହେରା ନାମାଙ୍କନପତ୍ର ଦାଖଲ କରିଛନ୍ତି।ଅନ୍ୟପକ୍ଷରେ ନିଆଳିବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି ।

# ଷ୍ଟ୍ରଙ୍ଗ ରୁମ୍ ବୁଲିଲେ ଜିଲାପାଳ

**କଟକ ଅଫିସ, ୪।୪**

ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅରବିନ୍ଦ ଅଗ୍ରୱାଲ ଓ ନିର୍ବାଚନ ପର୍ଯ୍ୟବେକ୍ଷକ ଆନନ୍ଦରାଓ ବିଷ୍ଣୁ ପାଟିଲ ଗୁରୁବାର ଷ୍ଟ୍ରଙ୍ଗ ରୁମ୍ ପରିଦର୍ଶନ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭୁବନାନନ୍ଦ ସ୍କୁଲ ଅଫ୍ ଇଞ୍ଜିନିୟରିଂ ପରିସରରେ ଷ୍ଟ୍ରଙ୍ଗ ରୁମ୍ କରାଯାଇଛି। ପରିଦର୍ଶନ ସମୟରେ ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଧିକାରୀ ବିଜୟ କୁମାର ଖଣ୍ଡାୟତରାୟ, ପିଡି ଡିଆରଡିଏ ସରୋଜକାନ୍ତ ମହାନ୍ତି, କଟକ ସଦର ଉପଜିଲାପାଳ ତଥା ରିଟର୍ନିଂ ଅଧିକାରୀ ସୁକାନ୍ତ ପ୍ରଧାନ, ଅତିରିକ୍ତ ଉପଜିଲାପାଳ ତଥା ରିଟର୍ନିଂ ଅଧିକାରୀ ଶୁଭେନ୍ଦୁ ଜେନା ଉପସ୍ଥିତ ଥିଲେ ।



ମଣିଷର ପ୍ରକୃତି ଯାହା ଉପର ଦେଇ ଚଢ଼ିବ ତାକୁ ହିଁ ପ୍ରଥମେ ଭୁଲିଯିବ। ଛାତକୁ ଚଢ଼ି ସାରିଲାପରେ ଶିଡ଼ି କଥା ମନେଥାଏ କି?
- ମାର୍କ ଟ୍ୱାଇନ୍



## ସଂକ୍ଷେପରେ

### ନିଆଳିରେ ପ୍ରମୋଦଙ୍କ ରୋଡ୍ ଶୋ

**କଣ୍ଟାପଡ଼ା,୪।୪(ଡି.ଏନ୍.ଏ.):** ନିଆଳି ନିର୍ବାଚନମଣ୍ଡଳୀରେ ବିଜେଡିରୁ ତୃତୀୟଥର ଲାଗି ବିଧାୟକ ପ୍ରାର୍ଥୀ ହୋଇଥିବା ଡା. ପ୍ରମୋଦ କୁମାର ମଲ୍ଲିକ ଗୁରୁବାର ରୋଡ୍ ଶୋ କରି ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହି ରୋଡ୍ ଶୋ ରେ ଜଗତସିଂହପୁର ଲୋକ ସଭା ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକ କଣ୍ଟାପଡା, ନିଆଳି ଓ ବାରଙ୍ଗ ବ୍ଲକର ପଞ୍ଚାୟତ ସମିତି ଅଧକ୍ଷଙ୍କ ସମେତ ବହୁ ବିଜେଡି କର୍ମୀ ଉଭୟ ବିଧାନସଭା ଓ ଲୋକ ସଭା ପ୍ରାର୍ଥୀଙ୍କୁ ସ୍ୱାଗତ କରି ନିଆଳି ପର୍ଯ୍ୟନ୍ତ ନେଇଯାଇଥିଲେ। ଅନ୍ୟପକ୍ଷରେ ଭାଜପାରୁ ଛବି ମଲ୍ଲିକଙ୍କୁ ପ୍ରାର୍ଥୀ ଓ କଂଗ୍ରେସରୁ ମମତା ଭୋଇ ପ୍ରାର୍ଥୀ ହୋଇଛନ୍ତି।

### ସ୍ୱାଧୀନ ପ୍ରାର୍ଥୀ ଦୀପକଙ୍କ ଶୋଭାଯାତ୍ରା

**ଚୌଦ୍ୱାର,୪।୪(ଡି.ଏନ୍.ଏ.):** ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ଦୀପକ କୁମାର ବାରିକ ଗୁରୁବାର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଚୌଦ୍ୱାର ପୌରପାଳିକାର ୧୯ଟି ୱାର୍ଡ ସହ ନଖରା, ଆଗ୍ରାହାଟ, ବାଣିପଦା, ଇନ୍ଦ୍ରାଣିପାଟଣା ଓ କୟଲପଡା ପଞ୍ଚାୟତର ଶତାଧିକ ଶୁଭେଚ୍ଛୁ ଓ ସ୍ଥାନୀୟ ନେତୃବୃନ୍ଦ ସାଇ ମନ୍ଦିର ନିକଟରେ ଏକତ୍ରିତ ହୋଇ ଦୀପକଙ୍କୁ ସ୍ୱାଗତ କରିଥିଲେ। ବହୁ ସଂଖ୍ୟାରେ ଯୁବକ ବାଇକ୍ ଶୋଭାଯାତ୍ରାରେ ଚୌଦ୍ୱାର ନଗର ପରିକ୍ରମା କରିଥିଲେ। ପରେ କଟକ ଉପଜିଲାପାଳଙ୍କ ନିକଟରେ ଦୀପକ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଓଟିଏମ୍ ବଞ୍ଚାଓ ସଙ୍ଗଠନ ଓ ବିରାଟ ଜନକଲ୍ୟାଣ ସମିତିର ନେତୃତ୍ୱ ନେଇ ବର୍ଷବର୍ଷ ଧରି ଓଟିଏମ୍ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିବା ଦୀପକ ଓ ତାଙ୍କ ସମର୍ଥକଙ୍କ ଏ ଅଞ୍ଚଳରେ ବେଶ୍ ପ୍ରଭାବ ଲକ୍ଷ୍ୟ କରାଯାଏ। ପୂର୍ବ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଦୀପକ ୨୫ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିବା ବେଳେ ଏଥର ଓଟିଏମ ସହିତ ଚୌଦ୍ୱାରର ପୁନଃ ଶିଳ୍ପାୟନ ପାଇଁ ସେ ଚଳିତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା କହିଛନ୍ତି।

### ସାର ଚୋରି : ୩ ଗିରଫ

**କଟକ ସଦର, ୪।୪(ଡି.ଏନ୍.ଏ.):** ସାର ଚୋରି ଅଭିଯୋଗରେ କନ୍ଦରପୁର ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ସଦର ଥାନା ଅଧୀନ ବାଲିକୁଦା(ଗୋପାଳପୁର)ଅଞ୍ଚଳର ଅକ୍ଷୟ ରାଉତ, ଅସିତ୍ ବେହେରା ଓ କନ୍ଦରପୁର ଥାନା ଅଧୀନ ହାଟସାହି ଗ୍ରାମର ଦୀପକ ଭୋଇ। ଏ ନେଇ ଥାନାରେ ଏକ ମାମଲା(ନଂ.୩୭/୧୯) ରୁଜୁ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ମଓଗଜପୁର ଷ୍ଟେଶନରେ ସିଗ୍ନାଲ ଅପେକ୍ଷାରେ ଛିଡା ହୋଇଥିବା ଟ୍ରେନ୍ ୱାଗନକୁ କାଟି ୧୨ ବସ୍ତା ସାର ଚୋରି କରିଥିଲେ। ପରେ ଏହାକୁ ଏକ ଅଟୋରେ ଲଦି ପଳାଇ ଯାଉଥିବାବେଳେ ବାଟରେ ପିସିଆର କର୍ମଚାରୀଙ୍କ ହାବୁଡରେ ପଡିଯାଇଥିଲେ। ପୋଲିସ ଉକ୍ତ ଅଟୋକୁ ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ବିଭିନ୍ନ ମାଲ୍‌ବାହୀ ଟ୍ରେନ୍‌ରୁ ସାର ଓ କୋଇଲା ଆଦି ସାମଗ୍ରୀ ଚୋରି କରୁଥିବା ନେଇ ଅଭିଯୁକ୍ତମାନେ ପୋଲିସ ନିକଟରେ ସ୍ୱୀକାର କରିଥିଲେ।

### 'ବସନ୍ତିକା-୨୦୧୯' ଉଦ୍‌ଯାପିତ

**କଟକ ଅଫିସ, ୪।୪:** ଡ୍ରିମ୍ସ ଡିଗ୍ରୀ ଉଇଙ୍ଗ (ସ୍ୱୟଂଶାସିତ)ର ବାର୍ଷିକ ସାଂସ୍କୃତିକ ମହୋତ୍ସବ 'ବସନ୍ତିକା-୨୦୧୯' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ମୁଖ୍ୟବକ୍ତା ସଂଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ, ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ଲୋକନାଥ ବେହେରା ଏବଂ ଓଲିଉଡ ଗାୟକ ଆଶୁତୋଷ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷ ଡ. ରାଜେନ୍ଦ୍ର କୁମାର ଦାସ ବିବରଣୀ ପାଠ କରିଥିଲେ। ଏହି ଅବସରରେ 'ସ୍ମରଣିକା' ଉନ୍ମୋଚନ ହେବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପାଧକ୍ଷ ବିପିନ ବିହାରୀ ମହାନ୍ତି ଧନ୍ୟବାଦ ଦେଇଥିଲେ। ଛାତ୍ର ଇଶାନ ଆହଦ, ରାଜୀବ ଏହେସାନ, ଛାତ୍ରୀ ଶୁଭାଙ୍ଗିନୀ ଆଚାର୍ଯ୍ୟ ଓ ଅଲିପ୍ତା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷାନୁଷ୍ଠାନ ସମୂହର ପ୍ରୋ ଚେୟାରମ୍ୟାନ୍ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଆଇନଜୀବୀ ବିଧୁଭୂଷଣ ଶତପାଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

■ ସାଲେପୁର କଂଗ୍ରେସର ଅଙ୍କ ଛିଡୁନି

# ଦଳ ଭିତରେ କୁହୁଳୁଛି ଅସନ୍ତୋଷ

**ନିର୍ମଳ ପଣ୍ଡା**
**କଟକ ଅଫିସ, ୪।୪**

୨୦୧୪ ସାଧାରଣ ନିର୍ବାଚନରେ କଟକ ଜିଲାର ଏକମାତ୍ର ବିଧାନସଭା ଆସନ ସାଲେପୁରରେ ହିଁ କଂଗ୍ରେସ ବିଜୟଲାଭ କରିଥିଲା। ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଦଳ ଛାଡ଼ି ଭାଜପାରେ ଯୋଗଦେବା ପରେ ଏବେ ଏହି ଆସନକୁ ନେଇ କଂଗ୍ରେସ ଦ୍ୱନ୍ଦ୍ୱରେ ପଡ଼ିଛି। ଆସନ୍ତା ୨୯ ତାରିଖରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ସାଲେପୁର ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ୯ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ଦିବସ ରହିଛି। ହେଲେ ଅଦ୍ୟାବଧି ସାଲେପୁର ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରିପାରୁ ନାହିଁ କଂଗ୍ରେସ। ଟିକେଟ ହାତେଇବା ପାଇଁ ଆଶାୟୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଥିବାବେଳେ ଦଳୀୟ ହାଇକମାଣ୍ଡ କାହା ନାମରେ ମୋହର ମାରିବେ ସେ ନେଇ ଅକଳରେ ପଡ଼ିଛନ୍ତି। ପ୍ରକାଶ ଭାଜପାରେ ଯୋଗଦେବା ପରେ ଦଳୀୟ ନେତା ରବୀନ୍ଦ୍ର ନାଥ କର, ଦଳର ଜିଲା ସଭାପତି ଗୁରୁପଦ ନନ୍ଦ, ପିସିସି ସାଧାରଣ ସମ୍ପାଦକ ବିଶ୍ୱଜିତ ଦାସ ପ୍ରମୁଖ ସାଲେପୁର ପାଇଁ ଜୋର୍‌ଦାର ଲବି ଆରମ୍ଭ କରିଥିଲେ। ମାତ୍ର ନିକଟରେ ବିଜେଡି ଯୁବ ନେତା ବିଶ୍ୱରଞ୍ଜନ ଖଟାଇ କଂଗ୍ରେସରେ ଯୋଗଦେବା ପରେ ଅଙ୍କ ଅଧିକ ଗୋଳମାଳିଆ ଧରିଛି। ବିଶ୍ୱରଞ୍ଜନ ସାଲେପୁର ଆସନରୁ ବିଜେଡି ଟିକେଟ ପାଇଁ ଲବି କରୁଥିଲେ। ମାତ୍ର ବିଜେଡି ପକ୍ଷରୁ ପ୍ରଶାନ୍ତ ବେହେରାଙ୍କ ନାମ ଘୋଷଣା ପରେ ସେ କଂଗ୍ରେସରେ ଯୋଗ ଦେଇଥିଲେ। ତେବେ ପ୍ରାର୍ଥିତ୍ୱ ନେଇ ବିଶ୍ୱରଞ୍ଜନଙ୍କ ନାମ ଚର୍ଚ୍ଚାକୁ ଆସିବା ପରେ ସାଲେପୁର କଂଗ୍ରେସରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କେତେଜଣ ଟିକେଟ ଆଶାୟୀ ଖୋଲାଖୋଲି ଭାବେ ଗଣମାଧ୍ୟମ ଆଗରେ ମତ ଦେବାକୁ ଅରାଜି ହୋଇଥିଲେ ମଧ୍ୟ ଟିକେଟ ଘୋଷଣା ପରେ ସେମାନେ ସିଧାସଳଖ ବିସ୍ଫୋରଣ କରିବେ ବୋଲି କହିଛନ୍ତି। ଦଳରେ ଯେଉଁମାନେ ଦୀର୍ଘଦିନ ଧରି କାମ କରିଛନ୍ତି ଏବେ ସେମାନଙ୍କୁ ଅଣଦେଖା କରାଯାଉଛି। ଆମଦାନୀ ନେତାଙ୍କ ଉପରେ ଉପରିସ୍ଥ ନେତାମାନେ ଭରସା କରିବା ଦ୍ୱାରା କଂଗ୍ରେସ ପତନର ବାଟ ପରିଷ୍କାର ହେଉଥିବା ଜଣେ ଟିକେଟ ଆଶାୟୀ କହିଛନ୍ତି।

କଟକ ଜିଲାରେ କଂଗ୍ରେସର ପ୍ରାର୍ଥୀ ଚୟନକୁ ନେଇ ପୂର୍ବରୁ ଦଳର ନେତା ତଥା ପିସିସି ଅନୁସୂଚିତ ଜାତି ସେଲ୍ ସହ ଅଧକ୍ଷ ବାଙ୍କନିଧି ବେହେରା ସିଧାସଳଖ ଦଳ ବିରୋଧରେ ବିଷୋଦ୍‌ଗାର କରିଥିଲେ। ଦଳର କେତେଜଣ ଉପରିସ୍ଥ ନେତା ବିଜେଡି ସହିତ ଭିତିରି ବୁଝାମଣା କରି କଂଗ୍ରେସକୁ ରାଜ୍ୟରେ ଆତ୍ମହତ୍ୟା କରିବା ପାଇଁ ବାଧ କରିଥିବା ବେହେରା କହିଥିଲେ। ଏବେ ସାଲେପୁର ଟିକେଟକୁ ନେଇ କଂଗ୍ରେସରେ କନ୍ଦଳ ଜୋର୍‌ଦାର କୁହୁଳିବାରେ ଲାଗିଛି। ଏ ସମ୍ପର୍କରେ ଦଳର ଜିଲା ସଭାପତି ଗୁରୁପଦ ନନ୍ଦ କୁହନ୍ତି, ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇ ଦିଲ୍ଲୀ ପଠାଯାଇଛି। ଦିନେ ଦୁଇଦିନ ମଧ୍ୟରେ ନାମ ଘୋଷଣା କରାଯିବ। ତେବେ ବିଜୟ ସମ୍ଭାବନା ଓ ସାଂଗଠନିକ ଦକ୍ଷତା ଉପରେ ଦଳ ଗୁରୁତ୍ୱ ଦେଉଥିବା ସେ କହିଛନ୍ତି।

ସୂଚନାଥାଉ କି, କଟକ ଜିଲାର ମୋଟ ୯ ଆସନ ମଧ୍ୟରୁ କଂଗ୍ରେସ ଇତିମଧ୍ୟରେ ୮ ଆସନରେ ପ୍ରାର୍ଥୀ ଘୋଷଣା କରିସାରିଛି। ମାହାଙ୍ଗାରୁ ଦେବେନ୍ଦ୍ର ସାହୁ, କଟକ ସଦରରୁ ଅଭିଷେକ ମହାନନ୍ଦ, ଆଠଗଡ଼ରୁ ଉମାବଲ୍ଲଭ ରଥ, ବଡ଼ମ୍ବାରେ ବବି ମହାନ୍ତି, ବାଙ୍କୀରେ ଦେବାଶିଷ ପଟ୍ଟନାୟକ, ନିଆଳିରେ ମମତା ଭୋଇ, ଚୌଦ୍ୱାର-କଟକରେ ଜଗଦୀଶ ମହାନ୍ତି ଓ ବାରବାଟୀ-କଟକରେ ମହମ୍ମଦ ମୋକିମଙ୍କୁ ଦଳ ପ୍ରାର୍ଥୀ କରିଛି। ତେବେ କଟକ ସଦର ଆସନ ପାଇଁ ଦଳ ପକ୍ଷରୁ ପ୍ରଥମେ ରତ୍ନାକର ବେହେରାଙ୍କ ନାମ ଘୋଷଣା କରାଯାଇଥିଲା। ହେଲେ ରତ୍ନାକରଙ୍କ ଶାରୀରିକ ଅସୁସ୍ଥତା ଯୋଗୁ କଂଗ୍ରେସ ଏହି ଆସନରେ ପ୍ରାର୍ଥୀ ପରିବର୍ତ୍ତନ କରି ଅଭିଷେକ ମହାନନ୍ଦଙ୍କୁ ପ୍ରାର୍ଥୀ କରିଛି। ମାତ୍ର ଏଭଳି ସ୍ଥିତିରେ ୨୦୧୪ରେ ଦଳ ବିଜୟଲାଭ କରିଥିବା ଏକମାତ୍ର ଆସନ ନିମନ୍ତେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା ନ ହେବା କଂଗ୍ରେସ କର୍ମୀମାନଙ୍କୁ ମଧ୍ୟ ବ୍ୟଥିତ କରିଛି। କେତେଜଣ କର୍ମୀ ଇତିମଧ୍ୟରେ ସାମାଜିକ ଗଣମାଧ୍ୟମରେ ଦଳର କାର୍ଯ୍ୟଧାରାକୁ ସମାଲୋଚନା କରୁଥିବା ଦେଖିବାକୁ ମିଳିଛି।

### ଏସ୍‌ୟୁସିଆଇ(ସି)ର କର୍ମୀସଭା

**କଟକ ଅଫିସ, ୪।୪**

ଚଳିତ ଲୋକ ସଭା ଏବଂ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କଟକ ଜିଲା ଏସ୍‌ୟୁସିଆଇ(ସି) ପକ୍ଷରୁ ଗାନ୍ଧୀଭବନଠାରେ କର୍ମୀସଭା ଅନୁଷ୍ଠିତ ହୋଇଯାଇଛି। ଲୋକମାନଙ୍କୁ ସଙ୍ଗଠିତ କରି ଗଣଆନ୍ଦୋଳନ କରିଚାଲିଛି। ନିର୍ବାଚନରେ ଏସ୍‌ୟୁସିଆଇ(ସି)ର ପ୍ରାର୍ଥୀଙ୍କୁ ବିଜୟୀ କରି ଲୋକ ସଭା ଓ ବିଧାନସଭାକୁ ପଠାଇଲେ ସେମାନେ ଉଭୟ ଗୃହରେ ବିଭିନ୍ନ ସମସ୍ୟା ଉତ୍ଥାପନ କରିବେ। ଏହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଭାରେ ମତପ୍ରକାଶ ପାଇଥିଲା। କଟକ ସହର ବସ୍ତିବାସିନ୍ଦା, ପରିଚାରିକାମାନଙ୍କୁ ବାସଗୃହ ଓ ଜମି ଦେବାକୁ କହି ପ୍ରତାରଣା କରାଯାଉଛି। ଏହାର ଜବାବ ଆଗାମୀ ନିର୍ବାଚନରେ ସହରବାସୀ ଦେବେ। ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ, ବେକାରି ସମସ୍ୟା ଉପରେ ଆମେ ଲଢେଇ କରିଆସୁଛୁ ବୋଲି ଜିଲା କମିଟି ସଦସ୍ୟ ଖଗେଶ୍ୱର ସେଠୀ କହିଛନ୍ତି। ଏହି ସଭାରେ ବିଶ୍ୱାବସୁ ଦାସ ଅଧକ୍ଷତା କରିଥିବାବେଳେ ସୌମେନ୍ ବୋଷ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।




ଭାଜପା ପ୍ରାର୍ଥୀ ସାରଦା ପ୍ରଧାନ ଓ କଟକ ସଦର ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଅଭିଷେକ ମହାନନ୍ଦ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।





ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ଜଗଦୀଶ ଚନ୍ଦ୍ର ମହାନ୍ତି, କଟକ ଲୋକ ସଭା ପାଇଁ ବିଏସ୍‌ପି ପ୍ରାର୍ଥୀ ପ୍ରମୋଦ କୁମାର ମଲ୍ଲିକ ଓ କଳିଙ୍ଗ ସେନା ପ୍ରାର୍ଥୀ ବିଶ୍ୱଜିତ୍ ଗୋସ୍ୱାମୀ ପ୍ରାର୍ଥିପତ୍ର ଦାଖଲ ପାଇଁ ଆସିଛନ୍ତି।

# ୩୬ ଜଣ ଦାଖଲ କଲେ ନାମାଙ୍କନ ପତ୍ର

**କଟକ ଅଫିସ, ୪।୪**

**ଶୋଭାଯାତ୍ରା, ସ୍ଲୋଗାନରେ କମ୍ପିଲା କଟକ**

ଗୁରୁବାର ଶୋଭାଯାତ୍ରା ଓ ସ୍ଲୋଗାନରେ କମ୍ପି ଉଠିଥିଲା କଟକ। ୩୬ ଜଣ ପ୍ରାର୍ଥୀ ସେମାନଙ୍କ ଦଳୀୟ ସମର୍ଥକଙ୍କ ଗହଣରେ ଆସି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନାମାଙ୍କପତ୍ର ଦାଖଲ କରିଥିବା ପ୍ରାର୍ଥୀମାନେ ହେଲେ କଟକ ଲୋକ ସଭା ନିର୍ବାଚନ ମଣ୍ଡଳୀ ପାଇଁ କଳିଙ୍ଗ ସେନା ପ୍ରାର୍ଥୀ ବିଶ୍ୱଜିତ ଗୋସ୍ୱାମୀ, ବିଏସ୍‌ପି ପ୍ରାର୍ଥୀ ପ୍ରମୋଦ କୁମାର ମଲ୍ଲିକ, ଭାରତ ପ୍ରଭାତ ପାର୍ଟିରୁ ସୋମିୟା ରଞ୍ଜନ ଦାସ, ସ୍ୱାଧୀନ ପ୍ରାର୍ଥୀ ବୃନ୍ଦାବନ ଦାସ ଆଜାଦ ରହିଛନ୍ତି। ସେହିପରି ବଡମ୍ବା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ କିଶୋର କୁମାର ଜେନା, ପ୍ରିୟ ରଞ୍ଜନ ପ୍ରତାପ ସିଂହ, ନିତ୍ୟାନନ୍ଦ ଖଟୁଆ, ବିଜୁ ଜନତା ଦଳ ପ୍ରାର୍ଥୀ ଦେବୀ ପ୍ରସାଦ ମିଶ୍ର, ବିଏସ୍‌ପି ପ୍ରାର୍ଥୀ ସୁବାସ କୁମାର ସାହୁ, ହିନ୍ଦୁସ୍ଥାନ ନବନିର୍ମାଣ ଦଳ ପ୍ରାର୍ଥୀ କାହ୍ନୁ ଚରଣ ବେହେରା, ଆମ୍ବେଡକର ଜାତୀୟ କଂଗ୍ରେସ ପ୍ରାର୍ଥୀ ଖଗେଶ୍ୱର ମହାପାତ୍ର ରିଟର୍ନିଂ ଅଫିସରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ପଦ୍ମଜା ଦେବତା, ସଂଗ୍ରାମ କେଶରୀ ସାମନ୍ତସିଂହାର, ନଳିନୀ କୁମାର ରାୟ, ରାଷ୍ଟ୍ରୀୟ ଇଣ୍ଡିପେଣ୍ଡେଣ୍ଟ ମୋର୍ଚ୍ଚା ପ୍ରାର୍ଥୀ ଯୋଗୀନାଥ ସାହୁ, ଭାଜପା ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢୀ ରହିଛନ୍ତି। ଆଠଗଡ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଆମ୍ବେଡକର ଜାତୀୟ କଂଗ୍ରେସ ପ୍ରାର୍ଥୀ ମହମ୍ମଦ ମୁସ୍ତାକ ହୁସେନ୍, ସ୍ୱାଧୀନ ପ୍ରାର୍ଥୀ ହୃଦାନନ୍ଦ ମହାପାତ୍ର, ନମିତା ବାରିକ, ଅଭୟ କୁମାର ରାଉତ, ଅଭୟ କୁମାର ବାରିକ, ବିଏସପି ପ୍ରାର୍ଥୀ ସୁବାସ କୁମାର ସାହୁ, ଭାଜପା ପ୍ରାର୍ଥୀ ବ୍ରଜେନ୍ଦ୍ର କୁମାର ରୟ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଳିଙ୍ଗ ସେନା ପ୍ରାର୍ଥୀ ଜୟଶଙ୍କର ଆଚାର୍ଯ୍ୟ, ହିନ୍ଦୁସ୍ଥାନ ନବନିର୍ମାଣ ଦଳ ପ୍ରାର୍ଥୀ ଦୀପକ କୁମାର ମହନ୍ତ, ସ୍ୱାଧୀନ ପ୍ରାର୍ଥୀ ଶ୍ରୀରାମ ପାଣ୍ଡେ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ହିନ୍ଦୁସ୍ଥାନ ନବନିର୍ମାଣ ଦଳ ପ୍ରାର୍ଥୀ ବିଶ୍ୱରଞ୍ଜନ ଜେଠୀ, ବିଏସପି ପ୍ରାର୍ଥୀ ନବକିଶୋର ଦାସ, କଂଗ୍ରେସ ପ୍ରାର୍ଥୀ ଜଗଦୀଶ ଚନ୍ଦ୍ର ମହାନ୍ତି, ସ୍ୱାଧୀନ ପ୍ରାର୍ଥୀ ଶ୍ରୀରାମ ପାଣ୍ଡେ, ଦୀପକ କୁମାର ବାରିକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ସାଲେପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଜନତା ଦଳ ପ୍ରାର୍ଥୀ ପ୍ରଶାନ୍ତ ବେହେରା, ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଜନତା ଦଳ ପ୍ରାର୍ଥୀ ପ୍ରତାପ ଜେନା, ଭାଜପା ପ୍ରାର୍ଥୀ ସାରଦା ପ୍ରସାଦ ପ୍ରଧାନ, କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ଅଭିଷେକ ମହାନନ୍ଦ, ସ୍ୱାଧୀନ ପ୍ରାର୍ଥୀ ରାକେଶ ବେହେରା ନାମାଙ୍କନପତ୍ର ଦାଖଲ କରିଛନ୍ତି । ଅନ୍ୟପକ୍ଷରେ ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି ।



ସାଲେପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ବେହେରା ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

## ଷ୍ଟ୍ରଙ୍ଗ ରୁମ୍ ବୁଲିଲେ ଜିଲାପାଳ

**କଟକ ଅଫିସ, ୪।୪**

ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅରବିନ୍ଦ ଅଗ୍ରୱାଲ ଓ ନିର୍ବାଚନ ପର୍ଯ୍ୟବେକ୍ଷକ ଆନନ୍ଦରାଓ ବିଷ୍ଣୁ ପାଟିଲ ଗୁରୁବାର ଷ୍ଟ୍ରଙ୍ଗ ରୁମ୍ ପରିଦର୍ଶନ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭୁବନାନନ୍ଦ ସ୍କୁଲ ଅଫ୍ ଇଞ୍ଜିନିୟରିଂ ପରିସରରେ ଷ୍ଟ୍ରଙ୍ଗ ରୁମ୍ କରାଯାଇଛି। ପରିଦର୍ଶନ ସମୟରେ ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଧିକାରୀ ବିଜୟ କୁମାର ଖଣ୍ଡାୟତରାୟ, ପିଡି ଡିଆରଡିଏ ସରୋଜକାନ୍ତ ମହାନ୍ତି, କଟକ ସଦର ଉପଜିଲାପାଳ ତଥା ରିଟର୍ନିଂ ଅଧିକାରୀ ସୁକାନ୍ତ ପ୍ରଧାନ, ଅତିରିକ୍ତ ଉପଜିଲାପାଳ ତଥା ରିଟର୍ନିଂ ଅଧିକାରୀ ଶୁଭେନ୍ଦୁ ଜେନା ଉପସ୍ଥିତ ଥିଲେ ।

## କଟକରେ ଭାଜପାର ଶୋଭାଯାତ୍ରା

**କଟକ ଅଫିସ,୪।୪**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗୁରୁବାର ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ସମୀର ଦେ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲେ। ସେ ତାଙ୍କ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ମେରିଆ ବଜାରରୁ ବାହାରି, କେଶରପୁର, ବକ୍ସି ବଜାର, ଧୋବି ଲେନ, ପେଟିନ ସାହି, ତିନିକୋଣିଆ ବଗିଚା, ମୋଚି ସାହି, ତନ୍ତି ସାହି ଦେଇ ସୂତାହାଟ ଠାରେ ପହଞ୍ଚିଥିଲେ। ନର୍ଦ୍ଦମା ପାଣି, ଗଳି ରାସ୍ତା ଓ ସାହି ବସ୍ତିରେ ଗଲା ସମୟରେ ସମୀରଙ୍କୁ ଲୋକମାନେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ବିଗତ ଦିନରେ ଭାରତୀୟ ଜନତା ପାର୍ଟି ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ପାଇଁ କରିଥିବା ଉନ୍ନତିମୂଳକ କାର୍ଯ୍ୟକୁ ଆଗାମୀ ଦିନରେ ଦୋହରାଇବେ ବୋଲି ସମୀର କହିଛନ୍ତି। କେନ୍ଦ୍ର ସରକାରଙ୍କ ସଫଳତା, ରାଜ୍ୟ ସରକାରଙ୍କ ବିଫଳତା ଓ କଟକବାସୀଙ୍କ ପ୍ରତି ଅବହେଳା ନେଇ ଜନସାଧାରଣଙ୍କ ନିକଟରୁ ପରାମର୍ଶ ଗ୍ରହଣ କରିବା ପାଇଁ ଏହି ଯାତ୍ରା ଆରମ୍ଭ ହୋଇଛି। ଏଥିରେ ନଗର ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ, ନିବେଦିତା ପ୍ରଧାନ, ପ୍ରଦୀପ ସ୍ୱାଇଁ, ବିଜୟ ମହାପାତ୍ର, ରାଜେନ୍ଦ୍ର ସାମଲ, ଗୀତାରାଣୀ ଦାସ, ସୁକାନ୍ତ ସିଂ, କଳ୍ପନା ପଟ୍ଟନାୟକ, ପୁଷ୍ପିତା ମହାପାତ୍ର, ମନୋଜ ପାଣିଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## ଲୁଟ୍ ଘଟଣା: ୫ ଗିରଫ

### ୧ଲକ୍ଷ ୧୬ଜହାର ୭୬୦ଟଙ୍କା, ୩ ମୋବାଇଲ, ବାଇକ୍ ଜବତ

**ଖୁଣ୍ଟୁଣୀ,୪।୪(ଡି.ଏନ୍.ଏ.):**

କଟକର ଏକ ଘରୋଇ ମାଲ ପରିବହନ ସଂସ୍ଥାର ମ୍ୟାନେଜରଙ୍କୁ ମାଡ଼ ମାରି ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ ଗୁରୁଡିଝାଟିଆ ପୋଲିସ ଗୁରୁବାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୁରୁଡିଝାଟିଆ ଥାନା ଲିଙ୍ଗାପଦାର ସୁଶାନ୍ତ ସାହୁ(ସୁଶିଆ), ଚୌଦ୍ୱାର ଥାନା ବିଦ୍ୟାଧରପୁର ଗ୍ରାମର ଅଭିନ୍ନ ମୁଦୁଲି ଓ ଜଗା ରାଉତ, ଦୌଲତାବାଦର ମଙ୍ଗଳ ସାହୁ ଓ ଘନଶ୍ୟାମ ଦାସ। ଏମାନଙ୍କ ନିକଟରୁ ୧ଲକ୍ଷ ୧୬ହଜାର ୭୬୦ଟଙ୍କା, ୩ଟି ମୋବାଇଲ ଫୋନ, ୨ଟି ସିମ୍ କାର୍ଡ ସହ ଏକ ବାଇକ୍ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, କଟକର ଏକ ଘରୋଇ ମାଲ ପରିବହନ ସଂସ୍ଥା କେ.କେ. ରୋଡଲାଇନସ ମ୍ୟାନେଜର ଜିତେନ୍ଦ୍ର ବିଜୟ ୱାରଗିଆ ଗତ ୨ତାରିଖ ରାତି ପ୍ରାୟ ୭ଟାରେ ଗୁରୁଡିଝାଟିଆ ଥାନା ହରଦେବ ଷ୍ଟିଲ ପ୍ଲାଣ୍ଟରୁ ୨ଲକ୍ଷ ୫୮ହଜାର ଟଙ୍କା ନେଇ ବାଇକ୍‌ରେ କଟକ ଫେରୁଥିଲେ। ବିଦ୍ୟାଧରପୁର-ମଞ୍ଜେଶ୍ୱର ରାସ୍ତା ମଝିରେ ଏକ ବାଇକ୍(ଓଡି୦୫ ଏଏଫ ୯୬୨୩)ରେ ଅଭିନ୍ନ, ସୁଶାନ୍ତ ଓ ଜଗା ଆସି ହଠାତ୍ ଜିତେନ୍ଦ୍ରଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଫଳରେ ଜିତେନ୍ଦ୍ର ତଳେ ପଡିଯିବାରୁ ଅଭିଯୁକ୍ତମାନେ ଏକ ବାଡିରେ ପିଟି ତାଙ୍କ ହାତ ଆଙ୍ଗୁଠିକୁ ଫଟାଇ ଦେବା ସହ ବ୍ୟାଗରେ ଥିବା ଟଙ୍କାକୁ ନେଇ ଫେରାର ହୋଇଯାଇଥିଲେ। ଏନେଇ ୩ତାରିଖ ସକାଳେ ସଂସ୍ଥା ମାଲିକ କୋଶାଲ କୁମାର ଅଗ୍ରୱାଲ ଥାନାରେ ଅଭିଯୋଗ କରିବା ସହ ତାଙ୍କ ସଂସ୍ଥାର ୨ଜଣ କର୍ମଚାରୀ ମଙ୍ଗଳ ଓ ଘନଶ୍ୟାମଙ୍କ ଏଥିରେ ସମ୍ପୃକ୍ତି ଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୩୨/୧୯)ରୁଜୁ କରି ମଙ୍ଗଳ ଓ ଘନଶ୍ୟାମଙ୍କୁ ଗିରଫ କରିଥିଲା। ପୋଲିସ ପଚରାଉଚରା ବେଳେ ସେମାନେ ଅନ୍ୟ ୩ ଅଭିଯୁକ୍ତଙ୍କୁ ଏହି କାମରେ ଲଗାଇଥିବା ମାନିଥିଲେ। ପୋଲିସ ବିଦ୍ୟାଧରପୁର ଓ ଲିଙ୍ଗାପଦାରେ ଚଢ଼ାଉ କରି ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲା ବୋଲି ଥାନା ଅଧିକାରୀ ବିଜୟ କେତନ ବିସି କହିଛନ୍ତି।

■ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଉଦ୍‌ଘାଟିତ

## ଜଡ଼ରେ ଭରି ରହିଛି ଅଫୁରନ୍ତ ଶକ୍ତି

**କଟକ ଅଫିସ, ୪।୪**

ଜଡରେ ଅଫୁରନ୍ତ ଶକ୍ତି ଭରି ରହିଛି। କ୍ଷୁଦ୍ର ମଞ୍ଜିଟିଏ ଜଡ ଭଳି ଲାଗୁଥିଲା ବେଳେ ଏହା ଭବିଷ୍ୟତରେ ମହାଦ୍ରୁମରେ ପରିଣତ ହୋଇଥାଏ। ମନୁଷ୍ୟ ଜଡତ୍ୱ ଭିତରେ ରହିଥିଲେ ବି ରୂପାନ୍ତର ଯୋଗଦ୍ୱାରା ଏଥିରୁ ଜୀବନାମୃତ ସନ୍ଧାନ କରିବାକୁ ହେବ। ଚେତନାର ସ୍ତର ହିଁ ଜଡତାକୁ ରୂପାନ୍ତରିତ କରିଥାଏ। ଶରୀର ମଧ୍ୟରେ ଥିବା ଜଡତ୍ୱର ଜାଗରଣ ଏବଂ ରୂପାନ୍ତରଣ ଦ୍ୱାରା ଚୈତସା ଜାଗ୍ରତ କରିବାକୁ ହେବ ବୋଲି ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମର ବିଶିଷ୍ଟ ସାଧକ ଆଲୋକ ପାଣ୍ଡେ କହିଛନ୍ତି। ଗୁରୁବାର ସ୍ଥାନୀୟ ମାତୃଭବନଠାରେ ଅନୁଷ୍ଠିତ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀରେ ଉଦ୍‌ଘାଟକ ଭାବେ ଯୋଗଦେଇ ପାଣ୍ଡେ କହିଥିଲେ, ମନୁଷ୍ୟର ମନ, ପ୍ରାଣ ଓ ଶରୀରର ରୂପାନ୍ତର ଏବଂ ତା'ମଧ୍ୟରେ ଆତ୍ମାର ପ୍ରକାଶ ହିଁ ପୂର୍ଣ୍ଣଯୋଗ। ଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ଏହି ଯୋଗ ମାର୍ଗ ଜଡତ୍ୱକୁ ରୂପାନ୍ତରିତ କରିପାରିବ। ମହାଯୋଗୀ ଶ୍ରୀଅରବିନ୍ଦ ସମଗ୍ର ମାନବ ଜାତିକୁ ଆଶ୍ୱାସନା ଦେଇ ଜଡତ୍ୱର ରୂପାନ୍ତର କରିବା ଲାଗି ଏକ ମହାକ୍ରାନ୍ତିକାରୀ ଯୋଗର ପଥ ପ୍ରଦର୍ଶିତ କରିଛନ୍ତି। ଏଥିପାଇଁ ସମଗ୍ର ମାନବ ଜାତି ତାଙ୍କ ପ୍ରତି କୃତଜ୍ଞ ହୋଇ ରହିବ ବୋଲି 'ଜଡର ଅଲୌକିକତା' ଶୀର୍ଷକ ବିଷୟକୁ ଆଲୋଚନା କରି ସେ ଏହା କହିଛନ୍ତି। ଗଦାଧର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅଧ୍ୟାପକ ବିଶ୍ୱନାଥ ରାୟ କହିଥିଲେ, ବିଶ୍ୱ ଇତିହାସରେ ଶ୍ରୀଅରବିନ୍ଦଙ୍କ ଅବତାର ଏକ ତତ୍ତ୍ୱ ନୁହେଁ, ପରମେଶ୍ୱରଙ୍କ ଏକ ଚୂଡାନ୍ତ କ୍ରିୟା। ବିବର୍ତ୍ତନ ଧାରାରେ ମନୁଷ୍ୟ ନିଜ ମନକୁ ଅତିକ୍ରମ କରି ଅତିମାନସ ସ୍ତରରେ ପହଞ୍ଚିବାକୁ ପଡିବ। ମନୁଷ୍ୟର ଅଭୀପ୍‌ସା ଆବାହନରେ ଈଶ୍ୱରୀୟ ଚେତନାର ପରିପ୍ରକାଶ ଘଟେ ବୋଲି ସେ କହିଥିଲେ। ଅନ୍ୟତମ ବକ୍ତା ଡ. ଅର୍ଚ୍ଚନା ନାୟକ କହିଥିଲେ, ଜଡ ଭିତରେ ଜୀବସତ୍ତା ଭରି ରହିଛି। ଶାନ୍ତ, ସ୍ଥିର, ସମାହିତ ନ ହେଲେ ଯୋଗ ସାଧନାରେ ବ୍ୟାଘାତ ଘଟେ। ବିବର୍ତ୍ତନ ଏବଂ ରୂପାନ୍ତର ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ। ତେଣୁ ମନୁଷ୍ୟ ଏ ଦିଗ ପ୍ରତି ସଚେତନ ରହିବା ଆବଶକ ବୋଲି ସେ କହିଥିଲେ। ମାତୃଭବନର ଟ୍ରଷ୍ଟି ଦୀପକ ସାମନ୍ତରାୟ ସ୍ୱାଗତ ଅଭିଭାଷଣ ଓ ପ୍ରଫେସର ଡା. ଶ୍ୟାମା କାନୁନ୍‌ଗୋ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀ ଆବୃତ୍ତି କରିଥିଲେ। ପୂର୍ବରୁ ରାଜ୍ୟର ବିଭିନ୍ନ ଜୋନ୍‌ରୁ ଆସିଥିବା ସଭ୍ୟାସଭ୍ୟମାନଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ କରାଯିବା ପରେ ବନ୍ଦେମାତରମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମାତୃଭବନ ପକ୍ଷରୁ ପ୍ରକାଶିତ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପ୍ରସାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଚାରିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ରାଜ୍ୟର ବିଭିନ୍ନ କୋଣରୁ ୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଛନ୍ତି।



ସମ୍ମିଳନୀରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।



ମଣିଷର ପ୍ରକୃତି ଯାହା ଉପରେ ଦେଇ ଚଢ଼ିବ ତାକୁ ହିଁ ପ୍ରଥମେ ଭୁଲିଯିବ। ଛାତକୁ ଚଢ଼ି ସାରିଲାପରେ ଶିଢ଼ି କଥା ମନେଥାଏ କି?
- ମାର୍କ ଟ୍ୱାଇନ୍



## ସଂକ୍ଷେପରେ

### ସ୍ତ୍ରୀ ସ୍ୱାଧୀନରେ, ସ୍ୱାମୀ ଭାଜପାରୁ

**ଖୋର୍ଦ୍ଧା ଅଫିସ,୪।୪:** ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ସ୍ୱାମୀ କାଳୁ ଚରଣ ଖଣ୍ଡାୟତରାୟ ଭାଜପାରୁ ପ୍ରାର୍ଥୀ ହୋଇଥିବା ବେଳେ ଓ ସ୍ତ୍ରୀ ସ୍ୱର୍ଣ୍ଣଲତା ଖଣ୍ଡାୟତରାୟ ସ୍ୱାଧୀନ ପ୍ରାର୍ଥୀ ଭାବେ ଗୁରୁବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଯାହାକି ଚର୍ଚ୍ଚାର କାରଣ ପାଲଟିଛି। ଯଦି ପ୍ରାର୍ଥିପତ୍ର ଯାଞ୍ଚରେ କାଳୁଙ୍କର ପ୍ରାର୍ଥିତ୍ୱ କଟିଯାଏ ତେବେ ସ୍ତ୍ରୀ ସାହା ଭରସା ହେବେ। ଯଦି ନ କଟେ ତେବେ ସ୍ତ୍ରୀ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

### ବେଆଇନ ଭାବେ ଉତ୍ତରାଧିକାରୀ ପ୍ରମାଣପତ୍ର ପ୍ରଦାନ ଅଭିଯୋଗ

**ଟାଙ୍ଗୀ(ଖୋର୍ଦ୍ଧା), ୪।୪ (ଡି.ଏନ.ଏ.):** ବଉଳାବନ୍ଧ ଗ୍ରାମର ସୋମନାଥ ପୃଷ୍ଟିଙ୍କ କୌଣସି ଜନ୍ମିତ ସନ୍ତାନ ନାହାନ୍ତି । ତେଣୁ ସୋମନାଥଙ୍କ ଅନ୍ତିମ ଇଚ୍ଛାକୁ ସମ୍ମାନ ଦେଇ ଶୁଦ୍ଧକ୍ରିୟା ଓ ଶ୍ରାଦ୍ଧ ଇତ୍ୟାଦି ସମ୍ପାଦନ ନିମନ୍ତେ ସ୍ତ୍ରୀ ନାରୁଷ ଆଇନ ଅନୁସାରେ ପୋଷ୍ୟପୁତ୍ର ଗ୍ରହଣ କରିଥିଲେ। ସେ ୨୦୦୧ ମସିହା ନଭେମ୍ବର ୨୧ରେ ବାଣପୁର ସବ୍‌ରେଜିଷ୍ଟ୍ରର କୋର୍ଟରେ ୧୫୭ ନଂ ଦଲିଲରେ ପଞ୍ଜୀକରଣ କରାଇ ବିପଦଭଞ୍ଜନ ପୃଷ୍ଟିଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ । ତେଣୁ ବିପଦଭଞ୍ଜନ ପୋଷ୍ୟପୁତ୍ର ଭାବେ ସୋମନାଥଙ୍କ ନାମରେ ଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମାଲିକ ଅଟନ୍ତି। ମାତ୍ର ନାରୁଷଙ୍କ ମୃତ୍ୟୁପରେ ତାଙ୍କ ବଂଶର କେହି ବ୍ୟକ୍ତି ଚଞ୍ଚକତା ପୂର୍ବକ ବେଆଇନ ଭାବେ ଉତ୍ତରାଧିକାରୀ ପ୍ରମାଣପତ୍ର ହାସଲ କରିଥିବା ବିପଦଭଞ୍ଜନଙ୍କ ସ୍ତ୍ରୀ ଲକ୍ଷ୍ମୀ ଅଭିଯୋଗ କରିଛନ୍ତି । ସାନନଈର ରାଜସ୍ୱ ନିରୀକ୍ଷକ ଦେଇଥିବା ଉତ୍ତରାଧିକାରୀ ରିପୋର୍ଟ ସମ୍ପୂର୍ଣ୍ଣ ବେଆଇନ ବୋଲି ଲକ୍ଷ୍ମୀ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି । ଏହି ପୋଷ୍ୟପୁତ୍ର ପ୍ରମାଣପତ୍ର ମାଧ୍ୟମରେ ୨୦୧୯ ମସିହା ମାର୍ଚ୍ଚ ୧୩ରେ ଅମରାଓଲି ମୌଜାର ୩୩୬ ନଂ ପ୍ଲଟ୍‌ରେ ଥିବା ୬୭ ଡେସିମିଲ୍ ଜମିକୁ ଅନ୍ୟମାନଙ୍କ ନାମରେ ବିକ୍ରୟ କବଲା କରିଦିଆଯାଇଛି। ବିପଦଭଞ୍ଜନ ବିଦେଶରେ ରହୁଥିବାରସୁଯୋଗ ନେଇ କରାଯାଇଥିବା ଏଭଳି ବେଆଇନ୍ କାର୍ଯ୍ୟର ବିଧିବଦ୍ଧ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଲକ୍ଷ୍ମୀ ଦାବି କରିଛନ୍ତି ।

### ପଞ୍ଚଦଣ୍ଡ ମହାମେଳଣ ପାଇଁ ପ୍ରସ୍ତୁତି

**କୃଷ୍ଣପ୍ରସାଦ,୪।୪(ଡି.ଏନ.ଏ.)-** କୃଷ୍ଣପ୍ରସାଦ ବ୍ଲକ ରାମଲେଙ୍କା ପଞ୍ଚାୟତ ଅଧୀନ ନନ୍ଦଳା ଗ୍ରାମବାସୀ ଓ ବରୁଣେଇ ଛାତ୍ର ଯୁବ ସଙ୍ଗଠନର ମିଳିତ ସହଯୋଗରେ ଆସନ୍ତା ଶନିବାର ପଞ୍ଚଦଣ୍ଡ ମହାମେଳଣ ଅନୁଷ୍ଠିତ ହେବ । ଏଥିପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଏହା ବ୍ଲକରେ ପ୍ରଥମ ଥର ପାଇଁ ଆୟୋଜିତ ହେଉଛି। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସୁରକ୍ଷା ଲାଗି ସ୍ଥାନୀୟ ପୋଲିସ, ପ୍ରଶାସନ ଓ ମେଳଣ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ନେଇ ଆଲୋଚନା ହୋଇଛି। ଠାକୁର ଶ୍ରୀଶ୍ରୀ ଗାଦିଶ୍ୱରଦେବଙ୍କ ନେତୃତ୍ୱରେ ଦଣ୍ଡକାଳୀ ଉତ୍ସବ ଓ ମହାମେଳନ ପରିଚାଳିତ ହେବ।



ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ଭାଜପାର କାଳୁ ଖଣ୍ଡାୟତରାୟ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ।



କଂଗ୍ରେସ ପକ୍ଷରୁ ସ୍ୱାଗତିକା ପଟ୍ଟନାୟକ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ।



ଚିଲିକା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି ।

# ବିଧାନସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ

**ଖୋର୍ଦ୍ଧା ଅଫିସ,୪।୪**

ଗୁରୁବାର ଥିଲା ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲର ଶେଷ ଦିବସ। ଏଥିରେ ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଚିନ୍ତାମଣି ସାହୁ, ସ୍ୱର୍ଣ୍ଣଲତା ଖଣ୍ଡାୟତରାୟ, ପ୍ରିୟରଞ୍ଜନ ପାତ୍ର ଓ ପ୍ରଶାନ୍ତ କୁମାର ମହାନ୍ତି, ଭାଜପାର କାଳୁ ଚରଣ ଖଣ୍ଡାୟତରାୟ, କଂଗ୍ରେସରୁ ସ୍ୱାଗତିକା ପଟ୍ଟନାୟକ, ଜୟ ପ୍ରକାଶ ଜନତା ଦଳର ରିନାରାଣୀ ନାୟକ, ବହୁଜନ ସମାଜପାର୍ଟିର ରାଜ କିଶୋର ନାୟକ ପ୍ରମୁଖ ଖୋର୍ଦ୍ଧା ଉପଜିଲାପାଳ ସରୋଜ ସାହୁଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଶିବ ପ୍ରସାଦ ମିଶ୍ର ଓ ବିଶ୍ୱଜିତ୍ ପଟ୍ଟନାୟକ, ଭାଜପାରୁ ରିଷଭ ନନ୍ଦ, କଂଗ୍ରେସରୁ ପ୍ରଦୀପ କୁମାର ସାହୁ ଶୋଭାଯାତ୍ରାରେ ଆସି ଖୋର୍ଦ୍ଧା ଉପଜିଲାପାଳ ସାହୁଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜୟଦେବ ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ମାଲ୍ୟ ପ୍ରସାଦ ବେହେରା, ରାଘବ ଚନ୍ଦ୍ର ସେଠୀ, ସୁରେନ୍ଦ୍ର ଭଞ୍ଜ, ଜୟନ୍ତ କୁମାର ଭୋଇ, ମହେନ୍ଦ୍ର କୁମାର ବେହେରା ଓ ବାହନ ଭୋଇ, କଂଗ୍ରେସରୁ ସୁକାନ୍ତ ତିଆଡି, ବହୁଜନ ସମାଜବାଦୀ ପାର୍ଟିରୁ ପବିତ୍ର ମୋହନ ଭୋଇ, ଜୟ ପ୍ରକାଶ ଜନତା ଦଳରୁ ବନ୍ଧୁ ସେଠୀ ପ୍ରମୁଖ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏକାମ୍ର ଭୁବନେଶ୍ୱର ପାଇଁ ସ୍ୱାଧୀନରୁ ଜ୍ଞାନେନ୍ଦ୍ର ମହାନ୍ତି, କଳିଙ୍ଗ ସେନାରୁ ଦୀପ୍ତିମୟୀ ମହାପାତ୍ର, ବହୁଜନ ସମାଜବାଦୀ ପାର୍ଟିରୁ ବୀଣାପାଣି ଭୋଇ, ଏଏସ୍‌ପିରୁ ସୁମିତ କୁମାର ମିଶ୍ର, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକରୁ ନାରାୟଣ ଦଳୁଆ ପ୍ରମୁଖ ୫ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିଭଳି ଚିଲିକା ନିର୍ବାଚନମଣ୍ଡଳୀରୁ ବିଜେଡିରୁ ପ୍ରଶାନ୍ତ କୁମାର ଜଗଦ୍ଦେବ, କଂଗ୍ରେସରୁ ପ୍ରଦୀପ କୁମାର ସ୍ୱାଇଁ, ସ୍ୱାଧୀନ ପ୍ରାର୍ଥୀ ଶଶାଙ୍କ ଶେଖର ମହାପାତ୍ର, ବହୁଜନ ସମାଜବାଦୀ ପାର୍ଟିର ବସନ୍ତ ବେହେରା, ଶିଶିର କୁମାର ମିଶ୍ର ପ୍ରମୁଖ ୫ଜଣ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତେବେ ଜଟଣୀ, ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ ସମ୍ପର୍କରେ ରାତି ୧୧ଟା ସୁଦ୍ଧା ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତଥ୍ୟ ହସ୍ତଗତ ହୋଇ ପାରିନାହିଁ।

## ପ୍ରଚାରପତ୍ରରେ ରହିବ ମୁଦ୍ରାକର, ପ୍ରକାଶନ ସଂସ୍ଥାର ଠିକଣା

# ଉଲ୍ଲଂଘନକାରୀଙ୍କୁ ଜରିମାନା, ଜେଲଦଣ୍ଡ

**ଖୋର୍ଦ୍ଧା ଅଫିସ,୪।୪:**

ପ୍ରଚାରପତ୍ରରେ ମୁଦ୍ରାକର, ପ୍ରକାଶନ ସଂସ୍ଥାର ଠିକଣା ନ ରହିଲେ ଉଲ୍ଲଂଘନକାରୀଙ୍କୁ ଜରିମାନା ଓ ଜେଲଦଣ୍ଡ ହେବ ବୋଲି ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଏକ ପ୍ରେସ ବିବୃତି ମାଧ୍ୟମରେ ଗଣମାଧ୍ୟମକୁ ଅବଗତ କରାଇଛନ୍ତି। ଜିଲାପାଳଙ୍କ ସୂଚନା ଅନୁସାରେ, ଲୋକ ପ୍ରତିନିଧି ଅଧିନିୟମ ୧୯୫୧ର ଧାରା ୧୨୭(ଅ) ଅନୁସାରେ ନିର୍ବାଚନ ପ୍ରଚାରପତ୍ର, ପ୍ରଚାର ଫର୍ଦ୍ଦର ସମ୍ମୁଖରେ ମୁଦ୍ରାକାର ଓ ପ୍ରକାଶନ ସଂସ୍ଥାର ନାମ, ଠିକଣା ରହିବ। ପ୍ରକାଶନ ସଂସ୍ଥାର ଚିହ୍ନଟ ପାଇଁ ମୁଦ୍ରଣ ପରେ ସମସ୍ତ ଦସ୍ତାବିଜ ସହ ଘୋଷଣାନାମାର ଏକକିତା ନକଲ ଯଥୋଚିତ ସମୟରେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପଠାଇବେ। ଅନ୍ୟପକ୍ଷେ ମୁଦ୍ରଣ ସଂସ୍ଥା ଯେଉଁ ଜିଲାର ହୋଇଥିବ ସେହି ଜିଲାର ଜିଲା ମାଜିଷ୍ଟ୍ରେଟ ବା ଜିଲାପାଳଙ୍କୁ ପାଖକୁ ଅନୁରୂପ ଭାବେ ଦେଇ ପାରିବେ। ଉଲ୍ଲଂଘନକାରୀ ୬ ମାସ ଅବଧି ପର୍ଯ୍ୟନ୍ତ ଜେଲ କିମ୍ବା ୨ ହଜାର ଟଙ୍କା ଜରିମାନା ଦେବେ। ଦରକାର ପଡିଲେ ଉଭୟ ଦଣ୍ଡରେ ଦଣ୍ଡିତ ମଧ୍ୟ କରାଯାଇ ପାରିବ । ମୁଦ୍ରକାର ଓ ପ୍ରକାଶନ ସଂସ୍ଥା ଆଇନ ପ୍ରତି ସମ୍ମାନ ଦେଇ କାମ କରିବାକୁ କୁହାଯାଇଛି ।

■ ଭୁବନେଶ୍ୱର ଲୋକ ସଭା ଆସନ

# ୧୦ ପ୍ରାର୍ଥୀ ଦାଖଲ କଲେ ନାମାଙ୍କନପତ୍ର

**ଖୋର୍ଦ୍ଧା ଅଫିସ,୪।୪**



ଭାଜପା ଏମପି ପ୍ରାର୍ଥୀ ଅପରାଜିତାଙ୍କ ଶୋଭାଯାତ୍ରାରେ ଯୁବତୀଯୁବକମାନେ ନାଚୁଛନ୍ତି ।

ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଗୁରୁବାର ରିଟର୍ନିଂ ଅଫିସର ତଥା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଆମ୍ବେଡକର ପାର୍ଟି ଅଫ ଇଣ୍ଡିଆରୁ ସୁବ୍ରତ ମହାପାତ୍ର, ସ୍ୱାଧୀନ ପ୍ରାର୍ଥୀ ଭାବେ ମଧୁସୂଦନ ଯାଦବ, ପ୍ରିୟ ରଞ୍ଜନ ମିଶ୍ର, ସୁଶିଲ କୁମାର ଜେନା ଓ ମହେଶ ସେଠୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି କଳିଙ୍ଗ ସେନା ପାର୍ଟିର ଭକ୍ତ ଶେଖର ରାୟ, ବହୁଜନ ସମାଜବାଦୀ ପାର୍ଟିର ଲଳିତ କୁମାର ନାୟକ, ଜୟ ପ୍ରକାଶ ଜନତା ଦଳର ଶଙ୍କର ବେହେରା, ଅଖିଳ ଭାରତ ହିନ୍ଦୁ ମହାସଭାର ଭାସ୍କର ଚନ୍ଦ୍ର ମହାନ୍ତି ପ୍ରମୁଖ ଜିଲାପାଳଙ୍କ ପାଖରେ ଅନୁରୂପ ଭାବେ ଲୋକ ସଭା ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ଟାର୍ଗେଟ ନ ଥାଇ ବଣ୍ଟାଗଲା ଟୋକନ ଧାନ ନେବାକୁ ମନା କରାଯିବା ପରେ ଉତ୍ତେଜନା

**ଖୋର୍ଦ୍ଧା ଅଫିସ,୪।୪:**

ଟାର୍ଗେଟ ନ ଥାଇ ବଣ୍ଟାଗଲା ଟୋକନ। ଚାଷୀ ମଣ୍ଡିରେ ଧାନ ଜମା କରିବା ପରେ ଧାନ କିଣାଯିବାକୁ ମନା କରାଗଲା। ଏ ଘଟଣା ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକର ଅଙ୍ଗାରପଡାରେ ଉତ୍ତେଜନାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ଧାନମଣ୍ଡି ଖୋଲିବାର ଥିବାରୁ ଚାଷୀ ବିକ୍ଷୋଭ ଓ ରାସ୍ତାରୋକୋ କରି ପ୍ରତିବାଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମିଳିଥିବା ଅଭିଯୋଗ ଅନୁସାରେ, ଅଙ୍ଗାରପଡା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଖୋଲିଥିବା ଧାନମଣ୍ଡିରୁ ଚାଷୀଙ୍କୁ ଗତ ୨ ତାରିଖରେ ଟୋକନ ଦିଆଗଲା। ୫ରେ ଧାନ କିଣା ଯିବାକୁ ଏଥିର ଉଲ୍ଲେଖ ରହିଛି। ତେବେ ୪ ତାରିଖ ଗୁରୁବାର ଚାଷୀ ଧାନ ଜମା କରିବା ପରେ ଟାର୍ଗେଟ ଶେଷ ହୋଇଯାଇଛି ବୋଲି ଦର୍ଶାଇ ମଣ୍ଡି ବନ୍ଦ କରି ଦିଆଯାଇଛି। ଏଭଳିସ୍ଥଳେ ଚାଷୀ କ'ଣ କରିବେ ସେହି ଚିନ୍ତାରେ ପଡିଛନ୍ତି। ବାଧ ହୋଇ ମଣ୍ଡି ଆଗରେ ଚାଷୀ ଧାନକୁ ଜଗି ରହିବାକୁ ପଡିଛି। ଉତ୍ତେଜନା ବଢୁଥିବା ଦେଖି ମିଲର ଆଣିଥିବା ଗୋଟିଏ ଟ୍ରକ ଚାଲାକ କରି ନେଇ ପଳାଇଛନ୍ତି।

# କରଡ଼ଗାଡ଼ିଆ ୧୨ ଦୋଳଯାତ୍ରା

**ବେଗୁନିଆ,୪।୪(ଡି.ଏନ.ଏ.)**

ବେଗୁନିଆ ବ୍ଲକ କରଡଗାଡିଆ ଗ୍ରାମସ୍ଥିତ ଯାତ୍ରା ପଡିଆରେ ବୁଧବାର ସକାଳୁ ୧୨ ଦୋଳ ଯାତ୍ରା ଆରମ୍ଭ ହୋଇଛି। ତେବେ ଯାତ୍ରା ପଡିଆରେ ବେଳକୁ ବେଳ ଶ୍ରଦ୍ଧାଳୁମାନଙ୍କର ଭିଡ ଜମିବାରେ ଲାଗିଛି। ପରମ୍ପରା ଅନୁଯାୟୀ ଅଟ୍ରି ସ୍ଥିତ ହଟ୍ଟକେଶ୍ୱର ଦେବ ଥାନପତି ଠାକୁର ଭାବେ ପ୍ରଥମେ ନିମନ୍ତ୍ରିତ ହୋଇ କରଡଗାଡିଆ ସାହି ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ଆଗରେ ଘୋଡାନାଚ, ବୁଢୀବୁଢା, କଳାଘୋଡା, ବାଘବାଘୁଣୀ ଆଦି ବିଭିନ୍ନ ବେଶ ଧାରୀ ନୃତ୍ୟ ପରିବେଷଣ କରାଯାଇଥିଲା। ବାଜା, ବାଣ ଓ ଏଲଇଡି ଲାଇଟ ସହ ଘଣ୍ଟ ଘଣ୍ଟା ଓ ଖୋଳତାଳରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ୧୧ ଗ୍ରାମର ସ୍ୱପ୍ନେଶ୍ୱର ଦେବ, ରାଧାକାନ୍ତ ଦେବ, ରଘୁନାଥ ଦେବ, ଭାଗବତ ଦେବ, ରାସବିହାରୀ ଦେବ, ଜଗନ୍ନାଥ ଦେବ, ବଜରଙ୍ଗବାଲୀ ଆଦି ବିଭିନ୍ନ ନାମଧାରୀ ଠାକୁରମାନେ ଅତିଥି ହୋଇ ଏଠାରେ ପୂଜା ପାଉଛନ୍ତି। ତେବେ ଶୁକ୍ରବାର ସକାଳୁ ହରିହର ଭେଟ ପରେ ଠାକୁରମାନେ ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ଯାତ୍ରା ପଡିଆକୁ ଅଟ୍ରି, ବାଲିପାଟଣା, ଗୋଡି, କରଡଗାଡିଆ, ଚୁଟିପାଳଙ୍ଗ, ପୋଡାପାଟଣା, ମଶାଣିଆ, କୋକସିଂ, ଗୁଡୁମ, ଅର୍ଜୁନପୁର, ବୋଟଲମା ଆଦି ଗ୍ରାମର ଶ୍ରଦ୍ଧାଳୁମାନେ ବର୍ଷକୁ ଦିନେ ଅନେକ ଠାକୁରଙ୍କୁ ଦର୍ଶନ କରିବାର ସୁଯୋଗ ପାଇଥିଲେ। ତେବେ ଯାତ୍ରା ପଡିଆରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଉଠା ଦୋକାନର ପସରା ଖୋଲାଯାଇଥିବା ବେଳେ ୩ ରାତି ପାଇଁ ନାଚପାର୍ଟିର ବ୍ୟବସ୍ଥା ମଧ୍ୟ ହୋଇଛି।



ଦୋଳ ମଣ୍ଡପରେ ବିମାନ ସବୁ ରଖାଯାଇଛି ।

# ନାମାଙ୍କନପତ୍ର ଦାଖଲ ପରେ ବଢୁଛି ଉଷ୍ମତା

**ନିରାକାରପୁର,୪।୪(ଡି.ଏନ.ଏ.)**

ଗୁରୁବାର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ କାର୍ଯ୍ୟ ଶେଷ ହେବାପରେ ବିଭିନ୍ନ ସ୍ଥାନରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଗାଁ, ଦାଣ୍ଡ, ବଜାର, ରାସ୍ତାଘାଟ ଆଦି ସବୁଆଡେ ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ରାଜନୈତିକ ସମୀକରଣ କରିବାରେ ଲାଗିଛନ୍ତି। ଏଠାରେ ୩ରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବା ପରେ ସମର୍ଥକ ଓ ବିରୋଧୀଙ୍କ ମଧ୍ୟରେ ପ୍ରାର୍ଥୀଙ୍କ ହାରିବା ଓ ଜିତିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଯୁବଗୋଷ୍ଠୀ, ସମର୍ଥକମାନେ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଭୋଜିଭାତରେ ସାମିଲ ହେବା ସହ ପ୍ରାର୍ଥୀଙ୍କୁ ଜିତାଇବାର କୌଶଳ ଆପଣେଉଛନ୍ତି। ଖାଦ୍ୟପେୟ ଓ କିଛି ଅର୍ଥ ବଦଳରେ ନେତାମାନଙ୍କ କାର୍ଯ୍ୟରେ ଛାତ୍ରୀଛାତ୍ର, ମହିଳା ଓ ଯୁବଗୋଷ୍ଠୀଙ୍କୁ ସାମିଲ କରାଯାଉଛି। ତେବେ ଡ୍ରାଇଭିଂ ଲାଇସେନ୍ସ ଓ ପ୍ରମାଣପତ୍ରରେ ସମସ୍ୟା ରହିଥିଲେ ମଧ୍ୟ ଅନେକ ସମର୍ଥକ ଯାନବାହନ ବ୍ୟବହାର କରୁଥିବା ନେଇ ଅଭିଯୋଗ ମଧ୍ୟ ହେଉଛି। ଦଳୀୟ ପ୍ରଚାର ଯୋଗୁ ବାଦବିବାଦ, ଗଣ୍ଡଗୋଳ ଓ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ନେଇ ବୁଦ୍ଧିଜୀବୀ ଓ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି। ଟାଙ୍ଗୀ ବ୍ଲକସ୍ଥ ନିରାକାରପୁର ସମେତ ଏହାର ଆଖ ପାଖ ପଞ୍ଚାୟତରେ ଏବେ ମଧ୍ୟ ଦଳୀୟ ବ୍ୟାନର ଲାଗିଥିବାବେଳେ ଏଥିପ୍ରତି ପ୍ରଶାସନିକ ଅଧିକାରୀ, କର୍ମଚାରୀଙ୍କ ଦୃଷ୍ଟି ନ ପଡ଼ିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ କୁହାଯାଇଛି।

# ବୋଲଗଡ଼ର ବିଭିନ୍ନ ସ୍ଥାନରେ ଦଣ୍ଡପର୍ବ



କାଉଁରୀପାଟଣାସ୍ଥିତ ପୋଖରୀରେ ଦଣ୍ଡ ଠାକୁରଙ୍କୁ ସ୍ନାନ କରାଯାଉଛି।

**ବୋଲଗଡ଼,୪।୪(ଡି.ଏନ.ଏ.)**

ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ପରମ୍ପରା ଅନୁସାରେ ଦୋଳପୂର୍ଣ୍ଣମୀଠାରୁ ଦଣ୍ଡ ଉପାସନା ପର୍ବ ଆରମ୍ଭ ହୋଇଯାଇଛି। ଏହା ପଣାସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ। ୨୧,୧୭, ୧୩, ୧୧ ଓ ୭ ଦିନ ଧରି ଦଣ୍ଡୁଆମାନେ ଦଣ୍ଡ ଉପାସନା କରିଥାନ୍ତି। ରାତିରେ ବିଭିନ୍ନ ଗ୍ରାମରେ ଦଣ୍ଡଯାତ୍ରା ଆୟୋଜିତ ହୋଇଥାଏ। ଦଣ୍ଡଯାତ୍ରା ମାଧ୍ୟମରେ ଦଣ୍ଡ ଠାକୁରଙ୍କ ମହିମା ପ୍ରସାର ହୋଇଥାଏ। ଉଲ୍ଲେଖଯୋଗ୍ୟ, ବ୍ଲକର କାଉଁରି ପାଟଣା, ନୀଳକଣ୍ଠେଶ୍ୱରଦେବ, ସମ୍ବୁରସ୍ଥିତ ବାଲୁଙ୍କେଶ୍ୱରଦେବ, ବାଙ୍କୋଇ ତାରେଶ୍ୱରଦେବ, ମାଣିବନ୍ଧର ମାଣିକେଶ୍ୱରଦେବ, ମାଳିସାହି, ଗୋବର୍ଦ୍ଧନପୁର, ଗର୍ଭଣୀପଡା, ଠଣାପଲ୍ଲୀ, ଅସରଳା, କଅଁରପୁର, ଚମ୍ପାଇଲୋ, ସାନପଦର, ଆରିକମା, ବୋଲଗଡ, ମାଣିକାଗୋଡା ଆଦି ଗ୍ରାମରେ ଦଣ୍ଡ ଠାକୁରଙ୍କ ଉପାସନା କରାଯାଏ। ଏହି ଉପାସନାର ଆରାଧ୍ୟ ହେଉଛନ୍ତି ଦେବୀ ପାର୍ବତୀ ଏବଂ ପ୍ରଭୁ ମହାଦେବ ଶିବ। ଦଣ୍ଡୁଆମାନେ ନିଜ ଶରୀରକୁ କଷ୍ଟ ଦେଇ ଶିବପାର୍ବତୀଙ୍କୁ ଉପାସନା କରୁଥିବାରୁ ଏହାକୁ ଦଣ୍ଡ ଉପାସନା କୁହାଯାଏ। ପାଟଦଣ୍ଡୁଆ ପାଟଭକତାମାନଙ୍କ ସହିତ ଦଣ୍ଡୁଆମାନେ ଦଣ୍ଡ ଠାକୁରଙ୍କୁ ନେଇ ପ୍ରତି ଅପରାହ୍ନରେ ପୋଖରୀରେ ସ୍ନାନ କରିଥାନ୍ତି । ଏମାନେ ସନ୍ଧ୍ୟା ପୂର୍ବରୁ ସ୍ନାନ କରି ଦିନରେ ମାତ୍ର ଗୋଟିଏ ଥର ପଣା ପିଇଥାନ୍ତି । ରାତିରେ ନିକଟସ୍ଥ ଗ୍ରାମକୁ ଯାଇ ଭକ୍ତଙ୍କ ମଙ୍ଗଳ କାମନା କରିଥାନ୍ତି । ପାଣିତୋଳା ଦିନଠାରୁ ପ୍ରଥମେ ଦଣ୍ଡୁଆମାନେ କାମନା ଘରଠାରୁ ବାହାରିଥାନ୍ତି।କଳାକାରମାନେ ବିଭିନ୍ନ ସୁଆଙ୍ଗ ମାଧ୍ୟମରେ ଦଣ୍ଡନାଚ ପରିବେଷଣ କରନ୍ତି । ପାରମ୍ପରିକ ଚଢ଼େଇୟା, ଚଢ଼େୟାଣୀ, କେଳା କେଳୁଣୀ, ଧୋବା ଧୋବଣୀ, ଯୋଗୀ ଯୋଗୀଆଣୀ ଆଦି ସୁଆଙ୍ଗ ନାଚ ପରିବେଷଣ କରାଯାଏ।

# ନିର୍ବାଚନୀ ପରିକ୍ରମା : ଶୋଭାଯାତ୍ରାରେ ଦୁଇ ଅପରାଜିତା

**ଖୋର୍ଦ୍ଧା ଅଫିସ,୪।୪**



ଶୋଭାଯାତ୍ରାରେ ଯାଉଛନ୍ତି ଭାଜପାର ଭୁବନେଶ୍ୱର ଏମପି ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଓ ଭୁବନେଶ୍ୱର ଉତ୍ତର ବିଧାନସଭା ଆସନରୁ ବିଧାୟିକା ପ୍ରାର୍ଥୀ ଅପରାଜିତା ମହାନ୍ତି ।

ତୃତୀୟ ପର୍ଯ୍ୟାୟ ନିର୍ବାଚନର ପ୍ରାର୍ଥିପତ୍ର ଦାଖଲ ପର୍ବ ଗୁରୁବାର ଶେଷ ହୋଇଛି। ନାମାଙ୍କନପତ୍ର ଦାଖଲ କରିବାକୁ ଆସିଥିବା ପ୍ରାର୍ଥିନୀ ପ୍ରାର୍ଥୀମାନେ ସେମାନଙ୍କ ପଛରେ ଥିବା ସମର୍ଥନକୁ ଶୋଭାଯାତ୍ରା ମାଧ୍ୟମରେ ପ୍ରମାଣ କରିଛନ୍ତି। ଭାଜପାର ଭୁବନେଶ୍ୱର ଲୋକ ସଭା ପ୍ରାର୍ଥିନୀ ଅପରାଜିତା ଷଡଙ୍ଗୀଙ୍କ ସହ ଓଡ଼ିଆ ଚଳଚ୍ଚିତ୍ର ନାୟିକା ତଥା ଭୁବନେଶ୍ୱର ଉତ୍ତର ବିଧାନସଭା ପ୍ରାର୍ଥୀ ଅପରାଜିତା ମହାନ୍ତିଙ୍କ ଶୋଭାଯାତ୍ରାରେ ଏହା ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାରେ ଦୁଇ ଅପରାଜିତାଙ୍କୁ ଦେଖିବାକୁ ଭିଡ ଜମିଥିଲା। ଅନ୍ୟପକ୍ଷେ ଅପରାଜିତାଙ୍କ ଶୋଭାଯାତ୍ରାରେ ଯୁବତୀଙ୍କ ବାଇକ୍ ରାଲି, ଯୁବତୀଯୁବକଙ୍କ ନୃତ୍ୟର ଆସର ବେଶ୍ ଆକର୍ଷଣ ଥିଲା। ସେହିଭଳି ଚିଲିକା ବିଧାନସଭାର ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ଜଗଦେବଙ୍କ ଶୋଭାଯାତ୍ରାରେ ମଧ୍ୟ ନାଚଗୀତ ସାଙ୍ଗକୁ ଅଧିକ ଗହଳି ପରିଲକ୍ଷିତ ହୋଇଥିଲା। ଶୋଭାଯାତ୍ରାରେ ପୂର୍ବତନ ବିଧାୟକ ରଘୁନାଥ ସାହୁ ଓ ପୁରୀ ଲୋକ ସଭା ପ୍ରାର୍ଥୀ ପିନାକୀ ମିଶ୍ରଙ୍କୁ ଦେଖିବାକୁ ମିଳିଥିଲା। ପ୍ରଶାନ୍ତ ରଘୁଙ୍କୁ ମନାଇ ଶୋଭାଯାତ୍ରାରେ ସାମିଲ କରି ଦଳୀୟ ଭୋଟକୁ ହାତେଇବାକୁ ସକ୍ଷମ ହୋଇଛନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ବେଗୁନିଆ ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ରିଷଭ ନନ୍ଦଙ୍କ ଶୋଭାଯାତ୍ରା ଚଣ୍ଡିଚୁଆଠାରୁ, ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କାଳୁ ଖଣ୍ଡାୟତରାୟଙ୍କ ଶୋଭାଯାତ୍ରା ବାଟମଙ୍ଗଳା, ଲୋକେଶ୍ୱର ମନ୍ଦିର ଓ ଭାଲିଆବାଡି ପଡିଆରୁ ବାହାରି ନୂଆବସଷ୍ଟାଣ୍ଡଠାରେ ଏକାଠି ହୋଇଥିଲେ। ସେହିପରି ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ଅପରାଜିତାଙ୍କ ଶୋଭାଯାତ୍ରା ଭୁବନେଶ୍ୱରଠାରୁ, ବେଗୁନିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ସାହୁଙ୍କ ଶୋଭାଯାତ୍ରା ଏଲଆଇସି ଅଫିସ ପଡିଆ, ଚିଲିକା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରଶାନ୍ତଙ୍କ ଶୋଭାଯାତ୍ରା ପଲ୍ଲାଛକଠାରୁ ବାହାରି ସହର ପରିକ୍ରମା କରି ନାମାଙ୍କନପତ୍ର ଦାଖଲ ସ୍ଥାନରେ ପହଞ୍ଚିଥିଲା।

### ଯାତ୍ରୀ ହଇରାଣ

ନାମାଙ୍କନପତ୍ର ଦାଖଲ କରିବାକୁ ପ୍ରାର୍ଥୀଙ୍କ ଶୋଭାଯାତ୍ରା ଯୋଗୁ କଲିକତା-ମାଡ୍ରାସ ୧୬ ନଂ., ୫୭ ନଂ. ବଲାଙ୍ଗୀର-ଖୋର୍ଦ୍ଧା ଜାତୀୟ ରାଜପଥର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଘଣ୍ଟା ଘଣ୍ଟା ଧରି ଉଭୟ କଡରେ ଯାନବାହନ ଅଟକି ରହିଥିଲା। ସେହିପରି ନୂଆ ବସ୍‌ଷ୍ଟାଣ୍ଡ ନିକଟ ଟ୍ରାଫିକ ଛକରେ ଭିଡ ଲାଗି ରହିଥିଲା। ଏସବୁ ସ୍ଥାନରେ ଯାନବାହନ ଅଟକି ରହିବାରୁ ଯାତ୍ରୀ ହଇରାଣ ହୋଇଥିଲେ। ଶୋଭାଯାତ୍ରା ପାଇଁ ଯାନବାହନଗୁଡିକୁ ଖୋର୍ଦ୍ଧା, ନୟାଗଡ ଜିଲାର ପ୍ରାର୍ଥୀମାନେ ନେଇଥିଲେ। ଫଳରେ ଯାନବାହନ ଚଳାଚଳ ନ କରିବାରୁ ଯାତ୍ରୀମାନେ ବହୁ ସମୟ ଅପେକ୍ଷା କରିବାକୁ ପଡିଥିଲା।

### ଦୂରତ୍ୱ ବଢୁଛି

ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ବେଗୁନିଆ ଓ ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦେବ ଚିଲିକା ନିର୍ବାଚନମଣ୍ଡଳୀରୁ ବିଜେଡି ଟିକେଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବେଗୁନିଆ ନିର୍ବାଚନମଣ୍ଡଳୀରେ ପ୍ରଶାନ୍ତଙ୍କ ଏବେ ବି ଦବ ଦବା ରହିଛି। ପ୍ରଶାନ୍ତ ଚିଲିକା ନିର୍ବାଚନମଣ୍ଡଳୀକୁ ଯିବା ପରେ ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କୁ ସାଥୀରେ ଧରି ସଭାସମିତି, ଶୋଭାଯାତ୍ରାରେ ସାମିଲ ହେଉଛନ୍ତି। କିନ୍ତୁ ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ରାଜେନ୍ଦ୍ର ନାମାଙ୍କନପତ୍ର ଦାଖଲ କରିବା ବେଳେ ପ୍ରଶାନ୍ତ ନ ଥିଲେ। ସେହିପରି ପ୍ରଶାନ୍ତଙ୍କ ଶୋଭାଯାତ୍ରାକୁ ରାଜେନ୍ଦ୍ର ଆସି ନ ଥିଲେ। ଏହା ସାଧାରଣରେ ଆଲୋଚନା ହେଲାଣି ପ୍ରଶାନ୍ତ ଓ ରାଜେନ୍ଦ୍ରଙ୍କ ମଧ୍ୟରେ ଦୂରତ୍ୱ ବଢ଼ି ଚାଲିବାର କାରଣ କ'ଣ। ଦେଖାଯାଉ ଆଗକୁ ପ୍ରଶାନ୍ତଙ୍କୁ ମନାଇବାରେ ରାଜେନ୍ଦ୍ର କେତେଦୂର ସଫଳ ହେଉଛନ୍ତି।

### ନାମାଙ୍କନପତ୍ର ସ୍ପଷ୍ଟ କଲା

ଖୋର୍ଦ୍ଧା ନିର୍ବଚାନମଣ୍ଡଳୀରୁ କଂଗ୍ରେସ ପକ୍ଷରୁ ସ୍ୱାଗତିକା ପଟ୍ଟନାୟକ ଓ ବେଗୁନିଆରୁ ପ୍ରଦୀପ ସାହୁ ନାମାଙ୍କନପତ୍ର ଦାଖଲ ପରେ ଏହା ପ୍ରାର୍ଥୀଙ୍କ ନାମ ସ୍ପଷ୍ଟ ହେଲା। ଅନ୍ୟପକ୍ଷେ ସ୍ୱାଗତିକା ପ୍ରଥମେ ନାମାଙ୍କନପତ୍ର ଦାଖଲ କରିଥିଲେ। ପରେ ଶୋଭାଯାତ୍ରା କରି ସହର ପରିକ୍ରମା କରି ଖୋର୍ଦ୍ଧା ମ୍ୟୁନିସିପାଲିଟିର ୱାର୍ଡଗୁଡିକ ପରିକ୍ରମା କରିଥିଲେ।

### ଶୋଭାଯାତ୍ରାରୁ ଗାଏବ ପ୍ରାର୍ଥୀ

ଖୋର୍ଦ୍ଧା ବିଧାନସଭା କ୍ଷେତ୍ରର ଭାଜପା ପ୍ରାର୍ଥୀ କାଳୁ ଖଣ୍ଡାୟତରାୟଙ୍କ ଶୋଭାଯାତ୍ରା ସହର ପରିକ୍ରମା କରୁଥାଏ। ନୂଆ ବସଷ୍ଟାଣ୍ଡରେ ଦେଖିବା ବେଳକୁ କାଳୁ ଶୋଭାଯାତ୍ରାରେ ନାହାନ୍ତି। କିଛି ବାଟ ଗଲା ପରେ ବ୍ୟାଙ୍କ ଛକଠାରେ ପୁଣି କାଳୁଙ୍କୁ ଶୋଭାଯାତ୍ରାରେ ଦେଖାଯାଇଥିଲା। ବାଇକ୍‌ରେବସିକାଳୁକିଛିସମୟପାଇଁଅଦୃଶ୍ୟ ହୋଇଗଲେ। ବୁଝୁବୁଝୁ ଜଣାପଡିଥିଲା ପ୍ରଥମ ନାମାଙ୍କନପତ୍ରର ଶପଥ ପାଠ କରିବାକୁ ଉପଜିଲାପାଳଙ୍କ ଡାକରା ପାଇ ଚାଲି ଯାଇଥିଲେ। ତେବେ କାଳୁଙ୍କ ଅନୁପସ୍ଥିତି ସମୟରେ ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ଅପରାଜିତା କାମ ଚଳାଇ ନେଇଥିଲେ।



ମଣିଷର ପ୍ରକୃତି ଯାହା ଉପର ଦେଇ ଚଢ଼ିବ ତାକୁ ହିଁ ପ୍ରଥମେ ଭୁଲିଯିବା। ଛାତକୁ ଚଢ଼ି ସାରିଲାପରେ ଶିଢ଼ି କଥା ମନେଥାଏ କି?
- ମାର୍କ ଟ୍ୱାଇନ୍



## ସଂକ୍ଷେପରେ

### ପ୍ରାକ୍ ନିର୍ବାଚନୀ ହିଂସା: ୨ଗିରଫ

ପୁରୀ ଅଫିସ,୪।୪ : ପୁରୀ ସଦର ଥାନା ଅନ୍ତର୍ଗତ ଆଇଗଣିଆ ଗ୍ରାମରେ ବୁଧବାର ପ୍ରାକ୍ ନିର୍ବାଚନ ହିଂସା ସୃଷ୍ଟି ହୋଇଛି। ବିଜେଡି ଓ ଭାଜପା ଗୋଷ୍ଠୀ କୌଣସି କାରଣକୁ ନେଇ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷରୁ ଟୋକାପଥର ଓ ବୋମା ମାଡ଼ ହୋଇଥିଲା। ଏଥିରେ ୪ଜଣ ଆହତ ହୋଇଛନ୍ତି। ଏ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି। ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ୨ଟି ମାମଲା ରୁଜୁ କରିଛି। ଏହି ଘଟଣାରେ ଉଭୟ ପକ୍ଷର ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଦ୍ୱିତୀକୃଷ୍ଣ ବଳିୟାରସିଂ ଓ ଭୀମ ବଳିୟାରସିଂ। ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

### ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ, ଯୁବକ ଗିରଫ

ନିମାପଡ଼ା,୪।୪(ଡି.ଏନ୍.ଏ.): ନିମାପଡ଼ା ଦୋଳବେଦି ଛକରେ ଜଣେ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଗୁରୁବାର ନିମାପଡ଼ା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ କାମନାସାହି ଗ୍ରାମର ଅମରେନ୍ଦ୍ର ଦାସ। ଏନେଇ ଥାନାରେ ଏକ ମାମଲା (ନଂ. ୯୯/୧୯)ରୁଜୁ ହୋଇଛି। ଦୋଳବେଦି ଛକରେ ଥିବା ବିଜୟ ରାମ ବେହେରାଙ୍କ ତେଜରାତି ଦୋକାନକୁ ବୁଧବାର ରାତିରେ ଅମରେନ୍ଦ୍ର ସଉଦା କିଣିବାକୁ ଆସିଥିଲେ। ବାକିରେ ସଉଦା ମାଗିବାରୁ ବିଜୟରାମ ନ ଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ଅମରେନ୍ଦ୍ର ଏକ ଛୁରି ଓ ଲୁହାରଡରେ ବିଜୟରାମଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନିମାପଡ଼ା ଡାକ୍ତରଖାନା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

### ଅଗ୍ନିକାଣ୍ଡ: ୨ ଗାଈ, ୧ବାଛୁରି ମୃତ

କଣାସ, ୪।୪(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ଗଡବଡ଼ପୁଟ ଗ୍ରାମପଞ୍ଚାୟତର ଗଡବଡପୁଟ ଗ୍ରାମରେ ଅଗ୍ନିକାଣ୍ଡଘଟି ୩ବଖରା ବାସଗୃହ ସମେତ ଦୁଇଟି ଗାଈ ଓ ଗୋଟିଏ ବାଛୁରି ମୃତ୍ୟୁବରଣ କରିଥିବା ଜଣାପଡିଛି। ଖବରନେବାରେ ଜଣାପଡିଛି ଯେ, ଗଡବଡପୁଟ ଗ୍ରାମର କାହ୍ନୁ ବଳିୟାରସିଂହଙ୍କ ବାସଗୃହରେ ମଧ୍ୟରାତ୍ରରେ ଅଗ୍ନିକାଣ୍ଡଘଟି ଘରର ସମସ୍ତ ଆସବାସପତ୍ର ଧାନ, ଚାଉଳ, ବାସନକୁସନ, ଲୁଗାପଟା ପୋଡି ଭସ୍ମୀଭୂତ ହୋଇଯାଇଥିବା ବେଳେ ଗୁହାଳଘରେ ବନ୍ଧାହୋଇଥିବା ଦୁଇଟି ଗାଈ ଓ ଗୋଟିଏ ବାଛୁରି ପୋଡିଯାଇ ମୃତ୍ୟୁବରର କରିଥିଲେ। ଖବରପାଇ କଣାସରୁ ଦମକଳବାହିନୀ ଯାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗଡସାନପୁଟ ରାଜସ୍ୱ ନିରୀକ୍ଷକ ଅଗ୍ନିବିପନ୍ନଙ୍କ ନିକଟରେ ପହଞ୍ଚି ଗୋଟିଏ ପଲିଥିନି ପ୍ରଦାନ କରିଥିଲେ। ତୁରନ୍ତ ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଦେବାପାଇଁ ଗ୍ରାମବାସୀ ଦାବିକରିଥିଲେ।

### ଅଧିକାରୀଙ୍କ ସହ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ଆଲୋଚନା

ପୁରୀ ଅଫିସ,୪।୪: ପୁରୀ ଲୋକ ସଭା ଏବଂ ଏହା ଅଧୀନ ପିପିଲି, ସତ୍ୟବାଦୀ ଓ ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚନ କମିଶନଙ୍କ ତରଫରୁ ପର୍ଯ୍ୟବେକ୍ଷକ ଭାବେ ଦିଲୀପ ଜୱାଲିକର ନିଯୁକ୍ତ ହୋଇଛନ୍ତି । ସେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ କାର୍ଯ୍ୟ ପର୍ଯ୍ୟବେକ୍ଷଣ କରିବେ। ଗୁରୁବାର ଜୱାଲିକର ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଏବଂ ବିଭିନ୍ନ ଅଧିକାରୀଙ୍କ ସହ ନିର୍ବାଚନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଦର୍ଶ ନିର୍ବାଚନ ଆଚରଣ ବିଧି, ନିର୍ବାଚନୀ ସଭା, ରାଲି, ଗାଡ଼ି ଆଦି ପାଇଁ ଅନୁମତି, ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ, ଷ୍ଟାଟିକ ସର୍ଭେଲାନ୍ସ ଟିମ୍, ଫ୍ଲାଇଙ୍ଗ୍ ସ୍କ୍ୱାଡ୍, ସି ଭିଜିଲ କାର୍ଯ୍ୟ ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏହି ସମୟରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ହରିଶ ଚନ୍ଦ୍ର ନାୟକ, ଯୁଗ୍ମ କମିଶନର ବାଣିଜ୍ୟକର ସଦାଶିବ ପଣ୍ଡା, ଡେପୁଟି କଲେକ୍ଟର (ନିର୍ବାଚନ) ସୁମନ୍ତ କର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶେଷ ଦିନରେ ୧୬ ପ୍ରାର୍ଥିପତ୍ର ଦାଖଲ

ପୁରୀ ଲୋକ ସଭା

ପୁରୀ ଅଫିସ, ୪।୪:

ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ପୁରୀ ଲୋକ ସଭା ଆସନ ଏବଂ ଏହା ଅଧୀନ ବିଧାନସଭା ଆସନ ଲାଗି ଗୁରୁବାର ନାମାଙ୍କନ ଦାଖଲ ଶେଷ ହୋଇଛି। ଅନ୍ତିମ ଦିବସରେ ୧୬ ପ୍ରାର୍ଥିପତ୍ର ଦାଖଲ ହୋଇଛି। ଏଥିମଧ୍ୟରେ ୩ଜଣ ଲୋକ ସଭା ପ୍ରାର୍ଥୀ ଓ ୧୩ଜଣ ବିଧାନସଭା ପ୍ରାର୍ଥୀ ରହିଛନ୍ତି। ପୁରୀ ଲୋକ ସଭା ଆସନ ପାଇଁ ଅଖିଳ ଭାରତ ହିନ୍ଦୁ ମହାସଭାର ଜୟପ୍ରକାଶ ସେଠୀ, ବିଏସ୍ପିର ନୃସିଂହ ଚରଣ ଦାଶ, ଓଡ଼ିଶା ପ୍ରଗତି ଦଳର ଭାସ୍କର ଚନ୍ଦ୍ର ଦାଶ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ୧୩ ବିଧାନସଭା ପ୍ରାର୍ଥୀଙ୍କ ମଧ୍ୟରେ ପୁରୀରୁ ଭାଜପାର ଜୟନ୍ତ କୁମାର ଷଡ଼ଙ୍ଗୀ, କଂଗ୍ରେସର ଇଂ. ଅରୋପ୍ରସାଦ ମିଶ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକରୁ ଜିତେନ୍ଦ୍ରୀୟ ବେହେରା, ବିଏସ୍ପିରୁ ସୁଚେନ୍ଦ୍ର ଭୋଇ, ସ୍ୱାଧୀନ ପ୍ରାର୍ଥୀ ଭାବେ ଗୋପାଳକୃଷ୍ଣ ପଣ୍ଡା, ପିପିଲିରୁ କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜ, ବିଏସ୍ପିରୁ ଅହମ୍ମଦ ଖାଁ, ବ୍ରହ୍ମଗିରିରୁ ବିଏସ୍ପି ପ୍ରାର୍ଥୀ ବିହାରୀବନ୍ଧୁ ପଲେଇ, କଳିଙ୍ଗ ସେନାର ପ୍ରମୋଦ ପରିଡ଼ା ଏବଂ ସତ୍ୟବାଦୀରୁ ହିନ୍ଦୁସ୍ଥାନ ନିର୍ମାଣ ସମିତି ପ୍ରାର୍ଥୀ ଭାବେ କୈଳାସ ଚନ୍ଦ୍ର ବରାଳ, ବିଏସ୍ପିରୁ ପ୍ରଭାତ କୁମାର ଭୋଇ, କଳିଙ୍ଗ ସେନାର



ଇଂ. ଅରୋପ୍ରସାଦ ମିଶ୍ର



ଜିତେନ୍ଦ୍ରୀୟ ବେହେରା



ବିହାରୀ ବନ୍ଧୁ ପଲେଇ



ଗୋପାଳ କୃଷ୍ଣ ପଣ୍ଡା



ଜୟପ୍ରକାଶ ସେଠୀ



ନୃସିଂହ ଚରଣ ଦାଶ



ଅଜିତ୍ ମଙ୍ଗରାଜ



କୈଳାସ ଚନ୍ଦ୍ର ବରାଳ ।

ନଗେନ୍ଦ୍ର ନାଥ ମିଶ୍ର ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ମଙ୍ଗୁଆ ସେନାପତି ନାମାଙ୍କନପତ୍ର ଦାଖଲ କରିଛନ୍ତି। ତେବେ ପୂର୍ବରୁ ୨ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଥିବା ପୁରୀ ଲୋକ ସଭା କଂଗ୍ରେସ ପ୍ରାର୍ଥୀ ସତ୍ୟପ୍ରକାଶ ନାୟକ ଏବଂ ଗୋଟିଏ ସେଟ୍ ନାମାଙ୍କନପତ୍ର ଦାଖଲ କରିଥିବା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଉମାକାନ୍ତ ବରାଳ ଗୁରୁବାର ଶୋଭାଯାତ୍ରାରେ ଆସି ଆଉ ୨ ସେଟ୍ ଲେଖାଏ ନାମାଙ୍କନପତ୍ର ଦାଖଲ କରିଛନ୍ତି ।

ରିଟର୍ନିଂ ଅଫିସର ତଥା ଜିଲାପାଳ ଜ୍ୟୋତି ପ୍ରକାଶ ଦାସଙ୍କ ନିକଟରେ ପୁରୀ ଲୋକ ସଭା ପ୍ରାର୍ଥୀ ସତ୍ୟପ୍ରକାଶ, ଜୟପ୍ରକାଶ, ନୃସିଂହ, ଭାସ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ବିଧାନସଭା ପ୍ରାର୍ଥୀ ଜୟନ୍ତ, ଅରୋପ୍ରସାଦ, ଉମାକାନ୍ତ, ଗୋପାଳକୃଷ୍ଣ, ବିହାରୀବନ୍ଧୁ, ଜିତେନ୍ଦ୍ରୀୟ, ପ୍ରମୋଦ, ସୁଚେନ୍ଦ୍ର ଉପଜିଲାପାଳ ଭବତାରଣ ସାହୁଙ୍କ ନିକଟରେ ଏବଂ ଅଜିତ, ଅହମ୍ମଦ, କୈଳାସ, ପ୍ରଭାତ, ନଗେନ୍ଦ୍ର, ମଙ୍ଗୁଆ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପୁରୀ ଭାଜପା ପ୍ରାର୍ଥୀ ଜୟନ୍ତଙ୍କ ଶୋଭାଯାତ୍ରା ଗୁଣ୍ଡିଚା ମନ୍ଦିର ନିକଟରୁ ଏବଂ କଂଗ୍ରେସ ପ୍ରାର୍ଥୀ ଅରୋପ୍ରସାଦଙ୍କ ଶୋଭାଯାତ୍ରା ଦଳୀୟ କାର୍ଯ୍ୟାଳୟରୁ ବାହାରିଥିଲା। ପିପିଲିରୁ ଅଜିତ ଏବଂ ବ୍ରହ୍ମଗିରିରୁ ଉମାକାନ୍ତଙ୍କ ଶୋଭାଯାତ୍ରା ଆସିଥିଲା।

କଂଗ୍ରେସ ପ୍ରାର୍ଥୀ ଅରୋପ୍ରସାଦ କହିଛନ୍ତି, ଅପରାଧୀକରଣ ରାଜନୀତି ନୁହେଁ। ଗଣତାନ୍ତ୍ରିକ ପଦ୍ଧତିକୁ ଆମେ ବିଶ୍ୱାସ କରୁଛୁ। ଦୀର୍ଘବର୍ଷ ଧରି ଶାସନରେ ରହିଥିବା ସରକାରଙ୍କ ଉପରେ ଲୋକଙ୍କର ଆଉ ଭରସା ନାହିଁ। ପୁରୀରେ କଂଗ୍ରେସ ସୁଦୃଢ଼ ସ୍ଥିତିରେ ରହିଛି। ପ୍ରତ୍ୟେକ କର୍ମୀ ଓ ନେତା ମିଳିମିଶି ଦଳ ପାଇଁ କାମ କରୁଛନ୍ତି। ଗତ ନିର୍ବାଚନରେ ଆମ ଦଳ ଦ୍ୱିତୀୟ ସ୍ଥାନରେ ରହିଥିଲା। ଏଥର ମଧ୍ୟ ଭଲ କରିବ। ଯୁବ ନେତୃତ୍ୱ ପ୍ରତି ଭୋଟରମାନେ ଆସ୍ଥା ପ୍ରକଟ କରିବେ ବୋଲି ମୋର ବିଶ୍ୱାସ ରହିଛି। ସେହିପରି ଭାଜପା ପ୍ରାର୍ଥୀ ଜୟନ୍ତ କହିଛନ୍ତି, ୧୯ବର୍ଷ ଧରି ଆଞ୍ଚଳିକ ଦଳକୁ ଦେଖିଲେ, ହେଲେ କିଛି ଲାଭ ହେଲାନାହିଁ। ଏବେ ଲୋକେ ଜାତୀୟ ଦଳ ଭାଜପାକୁ ଚାହୁଁଛନ୍ତି । ଆଜିର ଶୋଭାଯାତ୍ରା ଏହା ପ୍ରମାଣ କରୁଛି । ଲୋକେ ସ୍ୱତଃପ୍ରବୃତ୍ତ ଭାବେ ରାସ୍ତାକୁ ଚାଲିଆସିଲେ । ତେଣୁ ଏଥର କେନ୍ଦ୍ରରେ ଏବଂ ରାଜ୍ୟରେ ଭାଜପା ସରକାର ନିଶ୍ଚିତ ଗଢ଼ିବ ବୋଲି ଜୟନ୍ତ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

### ପ୍ରାର୍ଥିପତ୍ର ନାକଚ ଭୟ ଅଧିକାଂଶ ପ୍ରାର୍ଥୀ ଦାଖଲ କରିଛନ୍ତି ଏକାଧିକ ସେଟ୍

ପୁରୀ ଅଫିସ,୪।୪:

ଆସନ୍ତା ୨୩ତାରିଖରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ। ଏଥିଲାଗି ଗୁରୁବାର ନାମାଙ୍କନ ଦାଖଲ ପ୍ରକ୍ରିୟା ସରିଛି। ପୁରୀ ଲୋକ ସଭା ଏବଂ ୪ ବିଧାନସଭା (ପିପିଲି, ସତ୍ୟବାଦୀ, ବ୍ରହ୍ମଗିରି, ପୁରୀ) ଆସନ ପାଇଁ ପ୍ରାର୍ଥୀମାନେ ଏକାଧିକ ସେଟ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନାମାଙ୍କନପତ୍ର ନାକଚ ହେବାର ଭୟ ଥିବାରୁ ଜଣେ ଜଣେ ପ୍ରାର୍ଥୀ ୪ସେଟ୍ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡ଼ିଛି। ପୁରୀ ଲୋକ ସଭା ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡିର ପିନାକୀ ମିଶ୍ର ୪ସେଟ୍, ଭାଜପାର ସମ୍ବିତ୍ ପାତ୍ର ୪ସେଟ୍, କଂଗ୍ରେସର ସତ୍ୟପ୍ରକାଶ ନାୟକ ୨ସେଟ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ପୁରୀ ନିର୍ବାଚନ ମଣ୍ଡଳୀରୁ ବିଜେଡିର ମହେଶ୍ୱର ମହାନ୍ତି ୪ସେଟ୍, କଂଗ୍ରେସର ଅରୋପ୍ରସାଦ ମିଶ୍ର ୩ସେଟ୍, ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରୁ ବିଜେଡିର ଉମାକାନ୍ତ ସାମନ୍ତରାୟ ୪ସେଟ୍, କଂଗ୍ରେସର ପ୍ରସାଦ ହରିଚନ୍ଦନ ୩ ସେଟ୍, ପିପିଲି ନିର୍ବାଚନମଣ୍ଡଳୀରୁ ବିଜେଡିର ପ୍ରଦୀପ ମହାରଥୀ ୪ସେଟ୍, ଭାଜପାର ଆଶ୍ରିତ ପଟ୍ଟନାୟକ ୨ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସଞ୍ଜୟ ଦାସବର୍ମା ଓ ଉମାକାନ୍ତ ବରାଳ ମଧ୍ୟ ଆଉ ୧ସେଟ୍ ଲେଖାଏ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡ଼ିଛି ।

### ▪ ଚିକିତ୍ସା ଅବହେଳାରୁ ବୃଦ୍ଧଙ୍କ ମୃତ୍ୟୁ ଘଟଣା
## ଓଏଚ୍ଆର୍ସିରେ ଅଭିଯୋଗ: କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ ଅଫିସ,୪।୪:

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଜଣେ ଅସହାୟ ବୃଦ୍ଧଙ୍କ ମୃତ୍ୟୁକୁ ନେଇ ଓଡ଼ିଶା ମାନବାଧିକାର ଆୟୋଗ (ଓଏଚ୍ଆର୍ସି)ଙ୍କ ଦ୍ୱାରସ୍ଥ ହୋଇଛି ସଚେତନ ନାଗରିକ ମଞ୍ଚ। ଏହି ଘଟଣାରେ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଭିଯୋଗ ଆଣି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମଞ୍ଚ ସଭାପତି ତଥା ଆଇନଜୀବୀ ପ୍ରସନ୍ନ କୁମାର ଦାଶ। ଡାକ୍ତରଖାନାକୁ ଅସହାୟ ଅବସ୍ଥାରେ ଆସୁଥିବା ରୋଗୀଙ୍କୁ ସହୃଦୟତାର ସହିତ ଚିକିତ୍ସା ସୁବିଧା ଯୋଗାଇଦେବା ଲାଗି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ), ଏଡିଏମ୍ଓ (ମେଡିକାଲ)ଙ୍କୁ ନିର୍ଦ୍ଦେଶ ଦେବା ପାଇଁ ସେ ନିବେଦନ ଜଣାଇଛନ୍ତି।

ମଞ୍ଚ ସଭାପତି ଦାଶ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସହାୟ ରୋଗୀଙ୍କୁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉନାହିଁ। ଏପରିକି ସେମାନଙ୍କ ଚିକିତ୍ସା ପ୍ରତି କର୍ତ୍ତୃପକ୍ଷ ବିଶେଷ ଗୁରୁତ୍ୱ ଦେଉନାହାନ୍ତି। ଶଯ୍ୟାରେ ପଡ଼ିରହି ଅସହାୟ ରୋଗୀଙ୍କ ଜୀବନ ଯାଉଛି। ଗତ ମାର୍ଚ୍ଚ ୩୧ତାରିଖ ବିଳମ୍ବିତ ରାତିରେ ସହରର ପେଟ୍ରୋଲ ପମ୍ପ ନିକଟ ରାସ୍ତାକଡରେ ଅସହାୟ ଅବସ୍ଥାରେ ପଡିଥିବା ଜଣେ ବୃଦ୍ଧଙ୍କୁ କେତେଜଣ ସାମାଜିକ କର୍ମୀ ଉଦ୍ଧାର କରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ତାଙ୍କ ଚିକିତ୍ସା ପ୍ରତି ଗୁରୁତ୍ୱ ଦିଆଯାଇନଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ▪ ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ ଘଟଣା
## ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିକଲା ପରିବାର

ପୁରୀ ଅଫିସ,୪।୪ :

ଗତ ମାର୍ଚ୍ଚ ୨ତାରିଖରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ବେଲେଶ୍ୱରୀପାଟଣା ଗ୍ରାମର ତ୍ରିନାଥ ମଲ୍ଲିକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ମାନବାଧିକାର କର୍ମୀ ତଥା ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଗୁରୁବାର ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆର୍ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ, ପରିବାରର ଜଣକୁ ଚାକିରି, କାର୍ଯ୍ୟରେ ଅବହେଳା କରିଥିବା ବିଭାଗୀୟ ଯନ୍ତ୍ରୀ ଏବଂ ଲାଇନମ୍ୟାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯାଇଛି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨ତାରିଖରେ ବେଲେଶ୍ୱରୀପାଟଣା ଗ୍ରାମରେ ବିଦ୍ୟୁତ ତାର ମରାମତି ଚାଲିଥିଲା। କାମବେଳେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବା ସହ ଲାଇନ କଟ୍ଅଫ୍ କରାଯିବା କଥା। ମାତ୍ର ସେଦିନ ଘଟଣାସ୍ଥଳରେ ଅଧିକାରୀ ଉପସ୍ଥିତ ନ ଥିଲେ କି ଲାଇନ କଟ୍ଅଫ୍ କରାଯାଇ ନ ଥିଲା। ଫଳରେ ତ୍ରିନାଥ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ।

## ଭାଜପା ପ୍ରାର୍ଥୀଙ୍କୁ ବିରୋଧକରି ବହୁ କର୍ମୀଙ୍କ ଇସ୍ତଫା



ଭାଜପା ଛାଡ଼ିଥିବା କର୍ମୀମାନେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

ପିପିଲି, ୪।୪(ଡି.ଏନ୍.ଏ.)

ପିପିଲି ନିର୍ବାଚନମଣ୍ଡଳୀ ଭାଜପା ଡକ୍ଟର ସେଲ୍ର ସଭାପତି ତଥା କାର୍ଯ୍ୟକାରିଣୀ ସଦସ୍ୟ ଡ.ଚିନ୍ମୟ ମହାପାତ୍ରଙ୍କ ସମେତ ଭାଜପାର ଶତାଧିକ କର୍ମକର୍ତ୍ତା ଗୁରୁବାର ଦଳରୁ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ ସେମାନେ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ଏଥିରେ ସେମାନେ ଭାଜପାକୁ କଂଗ୍ରେସ ସଂଗଠନରେ ପରିଣତ କରାଯାଇଥିବା ଅଭିଯୋଗ କରିଥିଲେ। ଏ ନେଇ ସେମାନେ ବାରମ୍ବାର ଦଳର ସଭାପତିଙ୍କୁ ଅଭିଯୋଗ କରିଥିଲେ ବି ସେମାନେ କୌଣସି ପଦକ୍ଷେପ ନେଇ ନ ଥିଲେ। ବରିଷ୍ଠ କର୍ମକର୍ତ୍ତାଙ୍କ ମତାମତ ନିଆ ନ ଯାଇ ପ୍ରାର୍ଥୀ ଘୋଷଣା କରାଯାଇଥିବା କ୍ଷୋଭର ସହ କହିଥିଲେ। ମହାପାତ୍ରଙ୍କ ସହ ସାତଶଙ୍ଖ ମଣ୍ଡଳର ରତ୍ନାକର ପ୍ରଧାନ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ୨୨ନଂ ଜୋନର ଦିବ୍ୟସିଂହ ଦାସ, ଦାଣ୍ଡମୁକୁନ୍ଦପୁର ମଣ୍ଡଳ ସଭାପତି ସଞ୍ଜୟ ମହାପାତ୍ର, ଯୁବମୋର୍ଚ୍ଚା ସମ୍ପାଦକ ପ୍ରସନ୍ନ ବେହେରା, ହରିରାଜପୁର ପଞ୍ଚାୟତ ସଭାପତି ସତ୍ୟନରାୟଣ ପଟ୍ଟନାୟକ, ସୁବୋଧ ମହାନ୍ତି ପ୍ରମୁଖ ଇସ୍ତଫା ଦେଇଛନ୍ତି।

## କାଳବୈଶାଖୀରେ ୫ଶହ ଏକର ଧାନଫସଲ ନଷ୍ଟ

କୋଣାର୍କ, ୪।୪(ଡି.ଏନ୍.ଏ.)

କାଳବୈଶାଖୀରେ କୋଣାର୍କ ଓ ଆଖପାଖ ଅଞ୍ଚଳର ପ୍ରାୟ ୫୦୦ଏକରରୁ ଊର୍ଦ୍ଧ୍ୱ ଧାନଫସଲ କ୍ଷତି ହୋଇଛି। ଫଳରେ ଚାଷୀ ମୁଣ୍ଡରେ ଚଡକ ପଡିଛି। ଗତ ୩୧ତାରିଖରେ ଝଡରେ ଅନେକ କ୍ଷତି ହୋଇଥିବା ବେଳେ ଖରିଫ ଧାନ ଫସଲ ନଷ୍ଟ ହୋଇଥିଲା। କୋଣାର୍କ ଆଖପାଖ କରମଙ୍ଗା, ଗାଗପୁର, ମୂଳିସାହିରେ ଖରିଫ ଧାନ ପବନ ମାଡରେ ଏବେ ଅଗାଡି ପାଲଟିଛି। ସବୁଜ କ୍ଷେତ ଏବେ ଧଳା ପାଲଟି ଯାଇଥିବା ଦେଖିବାକୁ ମିଳିଛି। ଏହି ଧାନ ଫସଲ କ୍ଷତିପୂରଣ ପାଇଁ ସ୍ଥାନୀୟ ଚାଷୀ ଶତ୍ରୁଘ୍ନ ନାୟକ, ସୋମନାଥ ନାୟକ, ରବି କାଣ୍ଡି, ଜୟନ୍ତ ନାୟକ ପ୍ରମୁଖ ବିଭାଗୀୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ହରିହର ଭେଟ ପରେ ବାହୁଡ଼ିଲେ ବାଲୁଙ୍କେଶ୍ୱର

ସାକ୍ଷୀଗୋପାଳ, ୪।୪(ଡି.ଏନ୍.ଏ.)

ସାଗରସ୍ନାନ ଯାତ୍ରାରୁ ଫେରି ବିଭୁତି ବାଟିକାରେ ଗୁରବାର ଦିନ ତମାମ ବିଶ୍ରାମ ନେଇଥିବା ବାଲୁଙ୍କେଶ୍ୱର ଠାକୁର ଦୁଇଭାଇ ରାତିରେ ନିଜନିଜ ମନ୍ଦିରକୁ ବାହୁଡିଛନ୍ତି। ଅପରାହ୍ନରେ ବିଭୁତି ବାଟିକାରେ ଠାକୁରଙ୍କ ଦର୍ଶନ ଓ ପୁଜାର୍ଚ୍ଚନା ପାଇଁ ଆଖପାଖ ଶ୍ରଦ୍ଧାଳୁ ମାନଙ୍କର ଭିଡ଼ ଲାଗିଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା, ଗୋଟିପୁଅ ଓ ଭଜନ ପରିବେଷଣା କରାଯାଇଥିଲା। ଠାକୁରଙ୍କ ଅଧରପଣା ଭୋଗ ଲାଗି, ଆଳତୀ, ଉପଚରୀ ନୀତି ସମାପନ କରାଯିବା ପରେ ଦୁଇଟି ସୁସଜ୍ଜିତ ବିମାନରେ ବିରାଜିତ ଠାକୁରଙ୍କୁ ମୁହାଁମୁହିଁ ରଖାଯାଇ ଆକର୍ଷଣୀୟ ହରିହର ଭେଟ କରାଯାଇଥିଲା। ଆତସବାଜି ପ୍ରଦର୍ଶନ ସାଙ୍ଗକୁ ସେବକମାନେ ଆନନ୍ଦରେ ନାଲି ଗାମୁଛା ଉଡ଼ାଇ ନାଚି ଉଠିଥିବା ଦେଖାଯାଇଥିଲା। ଘଣ୍ଟ, କାହାଳୀ, ଢ଼ୋଲ ମହୁରୀ, ବୈରଖ, ଘଣ୍ଟ ମର୍ଦ୍ଦଳର ତାଳେତାଳେ ଠାକୁରମାନେ ନିଜନିଜ ମନ୍ଦିରକ ବାହୁଡିଥିଲେ।

### ▪ ଗୋପ ଲୋକ ଉତ୍ସବ ଉଦ୍‌ଘାଟିତ
## ମେଳଣରେ ସୃଷ୍ଟି ହୁଏ ଭାଇଚାରା

ଗୋପ, ୪।୪(ଡି.ଏନ୍.ଏ.)

କର୍ମକ୍ଳାନ୍ତ ଜୀବନରେ କିଛିଟା ସମୟ ଆନନ୍ଦ ଆଣିବା ପାଇଁ କାହିଁ କେଉଁ କାଳରୁ ଏହି ମେଳଣ ଶବ୍ଦର ଉତ୍ପତ୍ତି ହୋଇଛି। ମେଳଣ ଭାବର ଆଦାନ ପ୍ରଦାନ ଲାଗି ଓ ନିଜ ଭିତରେ ଭାଇଚାରା ସୃଷ୍ଟି ଲାଗି ଅନୁଷ୍ଠିତ ହୋଇଥାଏ ବୋଲି ଗୋପ ଲୋକ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଶିଳ୍ପୀ ଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କହିଥିଲେ। ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇଏଏସ୍ ସଂଗ୍ରାମ କେଶରୀ ରାୟ, ବିକାଶ ସଂସ୍ଥାର ପ୍ରତିଷ୍ଠାତା ଅଶୋକ କୁମାର ନନ୍ଦ, ଆଇନ୍‌ଜୀବୀ ସୁଧୀର ରଞ୍ଜନ ମହାନ୍ତି, ସାମାଜିକ କର୍ମୀ ରଣଜିତ୍ ସାହୁ ଓ ବଳରାମ ମିଶ୍ର ଯୋଗ ଦେଇଥିଲେ।

କିମ୍ବଦନ୍ତୀରୁ ଜଣାପଡ଼େ ଯେ, ୧୮୦୬ ମସିହାରେ ବ୍ରିଟିଶ୍ ଅମଳରେ ଥାନାରେ ଥିବା ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଦାରୁଗା ବାବୁଙ୍କୁ ପ୍ରଭୁ ଗୋପାଳଜୀଉ ଥାନା ହାଜତରେ ଥିବାବେଳେ ସ୍ୱପ୍ନାଦେଶ ମାଧ୍ୟମରେ ଏହି ମେଳଣ କରିବା ଲାଗି ଜଣାଇଥିଲେ। ସେହିଦିନ ଠାରୁ ଏହି ଭାଇଚାରାର ମେଳଣ ଆରମ୍ଭ ହୋଇଛି। ବୁଧବାର ମଧ୍ୟରାତ୍ରୀରୁ ଗୋପ ଥାନା ଭାରପ୍ରାପ୍ତ ଅଧିକାରୀ ତଥା ମେଳଣ କମିଟିର ସ୍ଥାୟୀ ସଭାପତି ସୋମ୍ୟଚିତ୍ ମିଶ୍ର ଏକ ରୋଷଣି ମାଧ୍ୟମରେ ଯାଇ ଗୋପ ମାଳିସାହି ସ୍ଥିତ ପ୍ରଭୁ ଗୋପାଳଜୀଉଙ୍କୁ ବନ୍ଦାପନା କରି ନିମନ୍ତ୍ରଣ କରିଥିଲେ। ପରେ ସେନାପତିସାହି ଠାରେ ଥିବା ଗାଦି ଘର ଠାରେ ପନ୍ତି ଭୋଗ ଦିଆଯାଇ ଗୋପ ମେଳଣ ପଡ଼ିଆକୁ ଅଣାଯାଇଥିଲା। ପ୍ରଭୁ ଗୋପାଳଜୀଉ ମେଳଣ ପଡ଼ିଆରେ ପ୍ରବେଶ କରିବା ପରେ ବିଭିନ୍ନ ଗ୍ରାମରୁ ଆସିଥିବା ଅନ୍ୟ ବିମାନ ଗୁଡ଼ିକ ମେଳଣ ପଡ଼ିଆରେ ପ୍ରବେଶ କରିଥିବାବେଳେ ବିଭିନ୍ନ ସ୍ଥାନରୁ ଆସିଥିବା ୨୨ ଗୋଟି ବିମାନ ସହ ମହାଜନସାହିର ପତିତପାବନ ଠାକୁର ମଧ୍ୟ ରୋଷଣୀ ମାଧ୍ୟମରେ ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ। ଲୋକ ଉତ୍ସବରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ଏହାକୁ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ୍ ସତ୍ୟପ୍ରିୟ ନାୟକ, ନରେନ୍ଦ୍ର ଦାଶ ପ୍ରମୁଖ ପରିଚାଳନା କରିଥିଲେ। ଏହି ଲୋକ ଉତ୍ସବ ୬ ଦିନ ଧରି ଅନୁଷ୍ଠିତ ହେବ। ଗୁରୁବାର ସନ୍ଧ୍ୟାରେ ସାଗରସ୍ନାନ ଉତ୍ସବ ଅବସରରେ କମିଟି ପକ୍ଷରୁ ଆତସବାଜି ମଧ୍ୟ ପ୍ରଦର୍ଶିତ କରାଯାଇଥିବାବେଳେ ପ୍ରଭୁ ଗୋପାଳଜୀଉ ଆତସବାଜି ଦେଖିବା ପରେ ଘର ବାହୁଡ଼ା ହୋଇଥିଲେ।




ଲୋକ ଉତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ।

### ▪ ତୃତୀୟ ପର୍ଯ୍ୟାୟ ନିର୍ବାଚନ
## ସରିଲା ନାମାଙ୍କନ, ଆଜି ଯାଞ୍ଚ

ପୁରୀ ଅଫିସ,୪।୪:

ତୃତୀୟ ପର୍ଯ୍ୟାୟ ଅର୍ଥାତ୍ ଆସନ୍ତା ୨୩ ତାରିଖରେ ପୁରୀ ଲୋକ ସଭା ଏବଂ ଏହା ଅଧୀନ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ଗତ ୨୮ତାରିଖରୁ ବିଜ୍ଞପ୍ତି ପ୍ରକାଶ ପାଇ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହୋଇଥିଲା। ଗୁରୁବାର ନାମାଙ୍କନ ଦାଖଲ ପ୍ରକ୍ରିୟା ସରିଛି। ପୁରୀ ଲୋକ ସଭା ଅଧୀନ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ପୁରୀ ଜିଲାର ୪ଟି (ପିପିଲି, ସତ୍ୟବାଦୀ, ବ୍ରହ୍ମଗିରି ଏବଂ ପୁରୀ) ଆସନ ପାଇଁ ନାମାଙ୍କନପତ୍ର ଦାଖଲ ମଧ୍ୟ ସରିଛି। ଗୁରୁବାର ଅନ୍ତିମ ଦିବସରେ ୧୬ଟି ପ୍ରାର୍ଥିପତ୍ର ଦାଖଲ ହୋଇଛି। ଏହି ପ୍ରାର୍ଥିପତ୍ରଗୁଡ଼ିକ ଶୁକ୍ରବାର ଯାଞ୍ଚ କରାଯିବ। ଯେ କୌଣସି ପ୍ରାର୍ଥୀ ଯଦି ଚାହିଁବେ ତେବେ ଆସନ୍ତା ୮ତାରିଖରେ ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିପାରିବେ। ଏହାପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ତେବେ ବର୍ତ୍ତମାନ ପ୍ରାର୍ଥିପତ୍ର ଯାଞ୍ଚ ଉପରେ ସମସ୍ତଙ୍କ ନଜର ରହିଛି। କାରଣ ଯାଞ୍ଚ ସମୟରେ ପ୍ରାର୍ଥିପତ୍ର ନାକଚ ହେବାର ମଧ୍ୟ ଆଶଙ୍କା ରହିଛି।